ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଅକ୍ଟୋବର ୭ – ୨୦, ୨୦୨୧


୨ ବହି ବିଶେଷ : ଡ. ମୃଣାଳ ଚାଟାର୍ଜୀ

୪ ସ୍ମରଣୀୟ : ତରୁଣକାନ୍ତି ମିଶ୍ର

୩ ସୃଜନ-ଆଳାପ : ସୁନୀଲ ବୋଷ

୬ ଗଳ୍ପ : ବ୍ରହ୍ମ ପ୍ରକାଶ ମିଶ୍ର










# ବିପ୍ଳବର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କାହାଣୀ




ଡ. ମୃଣାଳ ଚାଟାର୍ଜୀ

**ପୁସ୍ତକ:** ଦି ଡ୍ରିମ୍ ଅଫ୍ ରିଭଲ୍ୟୁସନ: ଏ ବାୟୋଗ୍ରାଫି ଅଫ୍ ଜୟପ୍ରକାଶ ନାରାୟଣ (ଭାଷା: ଇଂରାଜୀ)
**ଲେଖକ:** ବିମଲ ପ୍ରସାଦ ଓ ସୁଜାତା ପ୍ରସାଦ
**ପ୍ରକାଶକ:** ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍,
**ପୃଷ୍ଠା:** ୩୦୬, **ମୂଲ୍ୟ:** ଟ. ୬୯୯/-


ଉତ୍ତର-ସ୍ୱାଧୀନ ଭାରତର ରାଜନୈତିକ ଇତିହାସରେ ଜୟପ୍ରକାଶ ନାରାୟଣ (୧୯୦୨-୧୯୭୯) ଜେପି ଭାବରେ ଅଧିକ ପରିଚିତ। ମାର୍କସବାଦୀ ଏବଂ ଗାନ୍ଧୀବାଦୀ ଆନ୍ଦୋଳନର ଏକ ମିଶ୍ର ପ୍ରୟୋଗରେ ବିଶ୍ୱାସ କରୁଥିଲେ ସେ। ତାଙ୍କ ନେତୃତ୍ୱରେ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଏକ ବିଶାଳ ଜନଆନ୍ଦୋଳନ ଗଢ଼ି ଉଠିଥିଲା। କିନ୍ତୁ ବଡ଼ ବିଚିତ୍ର କଥା, ତାଙ୍କ ଉପରେ ଗବେଷଣାତ୍ମକ ବହି ଏଯାଏଁ ଖୁବ୍ ବେଶି ଲେଖାଯାଇ ନାହିଁ। ଭାରତର ରାଜନୈତିକ ଇତିହାସରେ ତାଙ୍କ ଭୂମିକାକୁ ବିଭିନ୍ନ ଦିଗରୁ ଆଲୋଚନା-ବିଶେଷ କରାଯାଇ ନାହିଁ। ସେ ଦୃଷ୍ଟିରୁ ଏ ବହିଟି ଏକ ମୂଲ୍ୟବାନ ସଂଯୋଜନ।

ଏ ବହିର ଲେଖକ ପ୍ରଫେସର ବିମଲ ପ୍ରସାଦ ଜଣେ ଐତିହାସିକ। ସେ ଜୟପ୍ରକାଶ ନାରାୟଣଙ୍କୁ ଅତି ପାଖରୁ ଜାଣିଥିଲେ। ତାଙ୍କ ଆନ୍ଦୋଳନରେ ସାମିଲ ବି ଥିଲେ। ଜୟପ୍ରକାଶଙ୍କ ଦେହାନ୍ତ ପରେ ସେ ଏହି ବହିଟି ଲେଖିବାକୁ ଆରମ୍ଭ କରିଥିଲେ, ମାତ୍ର ଶେଷ କରିପାରି ନ ଥିଲେ। ବିମଲ ପ୍ରସାଦଙ୍କ ଦେହାନ୍ତ ପରେ ତାଙ୍କ ଝିଅ ସୁଜାତା ପ୍ରସାଦ ବହିଟିକୁ ଶେଷ କରିଛନ୍ତି।

ଏ ବହିର ରଚୟିତା ଦ୍ୱୟ ଜୟପ୍ରକାଶ ନାରାୟଣଙ୍କ ଜୀବନର ଅନେକ ଅକୁହା କଥା ଲୋକଲୋଚନକୁ ଆଣିଛନ୍ତି। ଜୟପ୍ରକାଶ ଆମେରିକାରେ ପାଠ ପଢ଼ିଥିଲେ। କିନ୍ତୁ ସେ ବିଷୟରେ ଖୁବ୍ ବେଶୀ ତଥ୍ୟ ଲୋକଲୋଚନକୁ ଆସିନାହିଁ। ୧୯୨୦ ଦଶକରେ ଆମେରିକାରେ ଅଧ୍ୟୟନ ତାଙ୍କର ମେଧା, ଚିନ୍ତାଧାରା ଓ ରାଜନୈତିକ ଦର୍ଶନକୁ ବିଶେଷ ଭାବେ ପ୍ରଭାବିତ କରିଥିଲା। ପରବର୍ତ୍ତୀ ସମୟରେ ସେ କଂଗ୍ରେସ ସୋସିଆଲିଷ୍ଟ ପାର୍ଟି ଆରମ୍ଭ କରିଥିଲେ। ତା' ପରେ କଂଗ୍ରେସକୁ ବାଦ୍ ଦେଇ କେବଳ ସୋସିଆଲିଷ୍ଟ ପାର୍ଟି ରହିଲା। କ୍ରମଶଃ ସେ ଅନ୍ୟାନ୍ୟ ଜନବାଦୀ (ସୋସିଆଲିଷ୍ଟ) ନେତାଙ୍କର ଆଦର୍ଶ ହୋଇଉଠିଥିଲେ। ତାଙ୍କ ଦ୍ୱାରା ଅନୁପ୍ରାଣିତ ନେତାଙ୍କ ଭିତରେ ଜର୍ଜ ଫର୍ଣ୍ଣାଣ୍ଡିସ ଅନ୍ୟତମ ଥିଲେ। ରାଜସତ୍ତାକୁ କେମିତି ଭାବରେ ବ୍ୟବହାର କରାଯିବା ଉଚିତ ସେ ବିଷୟରେ ଜୟପ୍ରକାଶ ନାରାୟଣଙ୍କର ନିଜସ୍ୱ ମତ ଥିଲା।

ଜୟପ୍ରକାଶ ବିତର୍କକୁ କେବେ ଏଡ଼ାଇ ଯାଇନାହାନ୍ତି। ତାଙ୍କର ଘନିଷ୍ଠ ବନ୍ଧୁମାନଙ୍କ ସହିତ ସେ ଅନେକ ସମୟରେ ତର୍କ କରିଛନ୍ତି। ଏ ପୁସ୍ତକରେ ତାଙ୍କର ଗାନ୍ଧୀଙ୍କ ସହିତ ମତଭେଦ ବିଷୟରେ ବିସ୍ତାରିତ ଭାବରେ ଲେଖାଯାଇଛି। ସେ ଗାନ୍ଧୀଙ୍କର ବେଶ୍ କିଛି ମତ ଓ କାର୍ଯ୍ୟକୁ ପସନ୍ଦ କରୁ ନ ଥିଲେ। ତେବେ ସେ ଏ କଥା ବି କହିଛନ୍ତି: ସାମାଜିକ ବିପ୍ଳବ କେମିତି ହୋଇପାରିବ, ଏ ବିଷୟରେ ଗାନ୍ଧିଜୀଙ୍କର ନିଜସ୍ୱ ଚିନ୍ତା ଥିଲା।

ନେହେରୁଙ୍କ ପ୍ରତି ତାଙ୍କର ଭଲ ଧାରଣା ଥିଲା। ସମ୍ପର୍କ ବି ବହୁତ ଭଲ ଥିଲା। କିନ୍ତୁ ଅନେକ ସମୟରେ




ନେହେରୁ ଏବଂ ଜୟପ୍ରକାଶ ନାରାୟଣଙ୍କ ମଧ୍ୟରେ ବିତର୍କ ଲାଗୁଥିଲା। ଏ ପୁସ୍ତକରେ ଏଭଳି କିଛି ରୋଚକ ଘଟଣାର ଅବତାରଣା କରାଯାଇଛି।

ସର୍ଦ୍ଦାର ପଟେଲଙ୍କ ସହ ମଧ୍ୟ ତାଙ୍କର ବହୁ ବିତର୍କ ହୋଇଛି। ପୁସ୍ତକ ଲେଖକ ଯାହା ମନେକରନ୍ତି, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଜୟପ୍ରକାଶ ଖୁବ୍ ବେଶୀ ପସନ୍ଦ କରୁ ନ ଥିଲେ। ତାଙ୍କର ମତ ଥିଲା ଯେ, ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଗାନ୍ଧୀଙ୍କ ମୃତ୍ୟୁ ପାଇଁ ସର୍ଦ୍ଦାର ପଟେଲ ଅନେକଟା ଦାୟୀ।

ତେବେ ତାଙ୍କର ସବୁଠାରୁ ବେଶୀ ବିତର୍କ ହୋଇଥିଲା ଇନ୍ଦିରା ଗାନ୍ଧୀଙ୍କ ସହିତ। ଇନ୍ଦିରା ଗାନ୍ଧୀଙ୍କୁ ପ୍ରଥମ ଅବସ୍ଥାରେ ସେ ସ୍ନେହ କରୁଥିଲେ। ଚିଠିରେ ତାଙ୍କୁ ସେ 'ଇନ୍ଦୁ' ବୋଲି ସମ୍ବୋଧନ କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ତାଙ୍କୁ ସମ୍ବୋଧନ କଲେ 'ଇନ୍ଦିରାଜୀ' ଏବଂ ଚିଠିର ଭାଷା ଓ ଭାବ ଥିଲା ସମ୍ପୂର୍ଣ୍ଣ ଅଲଗା।

ଏ ବହିର ସବୁଠାରୁ ଛାତି ମନ୍ଥିଦେଲା ଭଳି ଅଧ୍ୟାୟ ହେଉଛି ଏହାର ଶେଷ ଅଧ୍ୟାୟ, ଯେଉଁଥିରେ ଜୟପ୍ରକାଶ ନାରାୟଣଙ୍କ ଜୀବନର ଶେଷ ଅବସ୍ଥା କଥା ଲେଖାଯାଇଛି। ସେତେବେଳେ ସେ ରୋଗଶଯ୍ୟାରେ ଏବଂ ସମ୍ପୂର୍ଣ୍ଣ ଏକା। ସ୍ୱାଧୀନୋତ୍ତର ଭାରତରେ ଏକ ବିଶାଳ ଜନଆନ୍ଦୋଳନ ଗଢ଼ିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ଯେଉଁମାନେ ଏ ଆନ୍ଦୋଳନରେ ଥିଲେ ସମସ୍ତେ ବିଭିନ୍ନ ପଦପଦବୀରେ ଆସୀନ ହୋଇଗଲେଣି। ଅନେକେ ଶାସନ କ୍ଷମତାରେ ଅଛନ୍ତି। କିନ୍ତୁ ଜେପି ସମ୍ପୂର୍ଣ୍ଣ ଏକା ଅଛନ୍ତି। ଜନତା ପାର୍ଟିକୁ ନେଇ ଯେଉଁ ପରୀକ୍ଷାନିରୀକ୍ଷା ସେ କରୁଥିଲେ, ତାଙ୍କ ଆଖି ସାମ୍ନାରେ ତାହା କ୍ରମଶଃ ତାସ୍‌ର ଘର ଭଳି ଭାଙ୍ଗି ଯାଉଥିବା ଦେଖୁଥିଲେ। ଦିଲ୍ଲୀରେ କିଏ ପ୍ରଧାନମନ୍ତ୍ରୀ ହେବେ- ତାକୁ ନେଇ ମୋରାରଜୀ ଦେଶାଇ, ଚରଣ ସିଂହ ଏବଂ ଜଗଜ୍ଜୀବନ ରାମ- ପରସ୍ପର ମଧ୍ୟରେ ଯୁଦ୍ଧରତ। ବିହାରରେ ରାମସୁନ୍ଦର ଦାସଙ୍କ ସରକାରକୁ ପ୍ରତିଷ୍ଠିତ ଏବଂ କ୍ଷମତାସୀନ କରିବାରେ ଜୟପ୍ରକାଶଙ୍କ ଆନ୍ଦୋଳନରେ ସାମିଲ ସମର୍ଥକମାନେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲେ। ହେଲେ ସେଇ ସରକାର ଜେପି ଆନ୍ଦୋଳନରେ ସାମିଲ ଲୋକମାନଙ୍କୁ ନକ୍ସଲ କହି ଗୁଳି ଚଳାଉଛନ୍ତି।

ଏ ବହିରେ ଜେପିଙ୍କର ପାଳିତା କନ୍ୟା ବିଭାଙ୍କ କଥା ଲେଖାଯାଇଛି। ଗୋଟିଏ ଘଟଣାର ବର୍ଣ୍ଣନା କରି ବିଭା କହୁଛନ୍ତି, ଦାଦା (ଜେପିଙ୍କୁ ସେ ଦାଦା ବୋଲି ଡାକୁଥିଲେ) ମୋତେ କହିଲେ ବିପ୍ଳବର ଦିନଗୁଡ଼ିକର ଗୋଟେ ଗୀତ ଗାଇବା ପାଇଁ। ଗୀତଟି ହେଲା 'ଜୟପ୍ରକାଶ କା ବିଗୁଲ ବଜା'। ମୁଁ ଗୀତ ଗାଉଥିଲି, ଆଉ ଦାଦା ତକିଆରେ ମୁଣ୍ଡ ରଖି, ଆଖି ଉପରେ ହାତ ରଖିଥିଲେ। ଗୀତ ସରିଲାବେଳକୁ ଦେଖାଗଲା ଯେ, ସମ୍ପୂର୍ଣ୍ଣ ତକିଆଟି ତାଙ୍କର ଲୁହରେ ଭିଜିଯାଇଛି।

ଜୟପ୍ରକାଶଙ୍କ ଶେଷ ଜୀବନକୁ ଯଦି ଆକଳନ କରାଯାଏ, ତେବେ ସେ ସେକ୍ସପିୟରଙ୍କ ବିୟୋଗାନ୍ତକ ନାଟକର ନାୟକ ଭଳି ଦିଶିବେ।

ଜୟପ୍ରକାଶଙ୍କ ବିବାହ ହୋଇଥିଲା ପ୍ରଭାବତୀଙ୍କ ସହ। ସେତେବେଳେ ତାଙ୍କ ବୟସ ୧୯, ପ୍ରଭାବତୀଙ୍କର ୧୪। ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରଭାବତୀ ଦେବୀ ବ୍ରହ୍ମଚର୍ଯ୍ୟ ବ୍ରତ ଗ୍ରହଣ କଲେ ଏବଂ ଜୟପ୍ରକାଶଙ୍କୁ ସେ ଏକଥା ଚିଠିରେ ଲେଖିଥିଲେ। ଏ ବହିରେ ସେ ବିଷୟରେ ମଧ୍ୟ ଲେଖାଯାଇଛି।

ହୁଏତ ପ୍ରଫେସର ବିମଲ ପ୍ରସାଦ ବଞ୍ଚିଥିଲେ ଏ ସବୁ କଥା ଏ ବହିରେ ରହିପାରି ନ ଥା'ନ୍ତା। ସୁଜାତା ପ୍ରସାଦ ଏ କଥାଗୁଡ଼ିକ ରଖିଛନ୍ତି। ଏ ବହିର ଅନ୍ତଃସ୍ୱର ହେଉଛି- ଜଣେ ଲୋକ ଯେମିତି ସ୍ୱପ୍ନ ଦେଖୁଥିଲେ, ସ୍ୱପ୍ନ ପୂରଣ ପାଇଁ ଯେପରି ଆନ୍ଦୋଳନ କରିବାକୁ ଚାହୁଁଥିଲେ- ଘଟଣାଚକ୍ରରେ ତାହା ହେଲାନାହିଁ। ତେଣୁ ଏ ବହିଟିକୁ ଜଣେ ସ୍ୱପ୍ନଦର୍ଶୀର ସ୍ୱପ୍ନଭଙ୍ଗର କାହାଣୀ ବୋଲି କୁହାଯାଇପାରେ। ଏ ବହିଟିକୁ ପୁଣି ଏକ କାଳଖଣ୍ଡକୁ ଦେଖିବା ପାଇଁ ଗୋଟେ ଝରକା ଭାବେ ବି ନିଆଯାଇପାରେ।

## କାଶ

ସୁଧାଂଶୁ ଶେଖର ଦ୍ୱିବେଦୀ

ଲଘୁ ଗଳ୍ପ

ଏବେ କାଶିବା ସମସ୍ତଙ୍କ ପାଇଁ ଏକପ୍ରକାର ଅପରାଧ ହୋଇଗଲାଣି। ବନ୍ଧୁ-ପରିଜନ-ପରିବାର ମଧ୍ୟରେ କେହି ଯଦି କୌଣସି କାରଣରୁ କାଶିଦିଏ, ତେବେ ତାଙ୍କୁ ସମସ୍ତେ ସନ୍ଦେହ ଦୃଷ୍ଟିରେ ଦେଖିବା ଆରମ୍ଭ କରିଦେବେ। ତାଙ୍କର କ'ଣ ହୋଇଛି, କାହିଁକି କାଶୁଛନ୍ତି ସେ ବିଷୟରେ କିଛି ନ ପଚାରି କରୋନା ଧରିଛି ବୋଲି ମନେମନେ ଭାଳି ହେବେ। ତା'ପରେ ତାଙ୍କ ପାଇଁ ତୁଳସୀ ପତ୍ରର ବାମ୍ଫ, ଅଦା, ଗୋଲମରିଚ, ତୁଳସୀ ପତ୍ର ମିଶା ଚା'। ସେଥିରେ ପୁଣି ଗରମ ପାଣି ପିଇବାକୁ ନିର୍ଦ୍ଦେଶ, ଗରମ ଖାଦ୍ୟ ସହିତ ଭିଟାମିନ୍ ସି ଜାତୀୟ ଫଳ, ଟାବ୍‌ଲେଟ ଇତ୍ୟାଦି ଖାଇବା ପାଇଁ ବରାଦ। ବିଚରା କାଶିଥିବା ଲୋକଟି ନଈ ନ ଦେଖୁଣୁ ଲଙ୍ଗଳା ହେଲା ପରି ୨-୪ ଦିନଯାଏ ସେସବୁ ଅଭ୍ୟାସରେ ଅଭ୍ୟସ୍ତ ହେବା ପାଇଁ ବାଧ୍ୟ ହୁଏ।

ଦୋକାନକୁ ଗଲେ ଭୟ, ପରିବା ହାଟକୁ ଗଲେ ଭୟ, ଅଫିସକୁ ଗଲେ ଭୟ, ସବୁଠି ଖାଲି କୋକୁଆ ଭୟ। ମଣିଷ ଏ ଭୟର ଖାପ୍‌ଚା ଭିତରେ ରହି କେତେବାଟ ବା ଆଗକୁ ଯାଇପାରିବ? ବାସ୍ତବରେ କରୋନା ଆଜି ସମସ୍ତଙ୍କୁ ନିଜ ଜୀବନର ମୂଲ୍ୟ କ'ଣ ଶିଖାଇ ଦେଇଛି।

ଆମ ପଡ଼ୋଶୀ ଘୋଷ ବାବୁ ଶ୍ୱାସ ରୋଗୀ। ବହୁଦିନରୁ ଏ ରୋଗଟା ତାଙ୍କୁ ଗ୍ରାସିଯାଇଛି। ଅନେକ ପ୍ରକାର ମେଡିସିନ ଖାଇଲେଣି; ହୋମିଓପାଥିଠାରୁ ଆୟୁର୍ବେଦିକ୍ ଯାଏ। ଯୋଗ, ପ୍ରାଣାୟାମ ଢେର୍ କଲେଣି, ହେଲେ ରୋଗଟା ପୂରା ନିଶ୍ଚିହ୍ନ ହେଉନାହିଁ। ଯାହା କେବଳ ଆୟତ୍ତରେ ରହିଛି। କାଶ ସହିତ ତାଙ୍କର ବହୁ ପୁରୁଣା ସମ୍ପର୍କ। ଋତୁଚକ୍ରର ପରିବର୍ତ୍ତନ ପାଇଁ କିଛିଦିନ ହେବ କାଶ ତାଙ୍କୁ ବଡ଼ ପ୍ରବ୍ଲେମ୍ କରୁଛି।

ସକାଳ ୭ଟାରେ ଡୋର୍ ବେଲ ବାଜିଲା। ସେ ଭାବିଲେ ପାଖ ଦୋକାନବାଲା ପ୍ରତିଦିନ ପରି କ୍ଷୀର, ବ୍ରେଡ୍, କଦଳୀ ଓ ଅନ୍ୟାନ୍ୟ ଜିନିଷ ପଠାଇଥିବ। କରୋନା କାଳ, ସେଥିରେ ପୁଣି ଲକ୍‌ଡାଉନରେ ଆବଶ୍ୟକ ଜିନିଷପତ୍ରକୁ ହୋମ୍ ଡେଲିଭରିରେ ମଗେଇବା ତାଙ୍କ ଭଳି ବୟସାଧିକ ଲୋକଙ୍କ ନିମନ୍ତେ ସୁରକ୍ଷିତ। ଘୋଷ ବାବୁଙ୍କ ସ୍ତ୍ରୀ ବାଥ୍‌ରୁମ୍‌ରେ ଥାଆନ୍ତି। ତେଣୁ ତାଙ୍କୁ ହିଁ ଦ୍ୱାର ଖୋଲି ଜିନିଷ ଆଣିବାକୁ ହେବ। ନିଜ କାଶକୁ କୌଣସି ପ୍ରକାରେ କାବୁରେ ରଖି କରୋନା ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ବ୍ୟାଗ୍‌ଟିଏ ଧରି କବାଟ ଖୋଲିଲେ ସେ। ଦ୍ୱାର ସେପାଖରେ ଠିଆ ହୋଇଥିବା ଲୋକକୁ ସ୍ୱତନ୍ତ୍ର ବ୍ୟାଗ୍‌ରେ ଜିନିଷ ଭରିବାକୁ କହି ନିଜେ ଅନ୍‌ଲାଇନରେ ଜିନିଷର ମୂଲ୍ୟ ପଇଠ କରୁଥାନ୍ତି, ହଠାତ୍ ହୋମ୍ ଡେଲିଭରି କରିବାକୁ ଆସିଥିବା ଲୋକଟି ୨-୩ ଥର କାଶିଦେଲା। ସେତିକିରେ ଘୋଷ ବାବୁ ପୂରା ଛାନିଆ। ଯଥାଶୀଘ୍ର ଜିନିଷପତ୍ରଥିବା ବ୍ୟାଗ୍‌କୁ ଦ୍ୱାର ପାଖେ ଛାଡ଼ି ଦୋକାନୀ ପାଖକୁ ଫୋନ୍ ଲଗାଇ କହିଲେ, ହଇଓ ଗୋପାଳ ବାବୁ! ଆପଣ ଟିକେ ଦେଖିଚାହିଁ ହୋମ୍ ଡେଲିଭରି କରିବାକୁ ଲୋକ ପଠାନ୍ତୁ। ଯେଉଁ ଲୋକଟା ଏବେ ଏବେ ମୋ' ପାଖରେ ଜିନିଷ ଦେଇଗଲା ତାକୁ ପରା କାଶ ହେଉଛି। କରୋନା ହୋଇଛି କି ନା ତା'ର ଟେଷ୍ଟ କରି ପଠାନ୍ତୁ।

ଦୋକାନୀଠାରୁ ଉତ୍ତର ଶୁଣିବା ପୂର୍ବରୁ ଘୋଷବାବୁ ଫୋନ୍ କଲ କାଟିଦେଲେ। ଯଦି ସେ ଆଉ କିଛି କହିଥା'ନ୍ତେ, ତେବେ ତାଙ୍କ କାଶ ବି ଦୋକାନୀ ଶୁଣିପାରି କରୋନା ଟେଷ୍ଟ ପାଇଁ ପରାମର୍ଶ ଦେଇଥା'ନ୍ତା।

ମୋ: ୯୬୮୧୩୭୩୫୧୨

ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିଜର ଲେଖା ଡିଟିପି କରି ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ E-mailରେ ପଠାଇ ପାରିବେ ପୂରା ଠିକଣା ଓ ମୋବାଇଲ ନମ୍ବର ସହ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ସୃଜନ-ଆଳାପ

# ପାଠକଙ୍କ ପାଇଁ ଲେଖେ ମୁଁ ନିଆରା ଗପ



## ସୁନୀଲ ବୋଷ

**ସମୟ ବାଧ କରିଥାଏ ବ୍ୟସ୍ତ ମଣିଷକୁ ସମୟ ବାହାର କରି ଯାହାଙ୍କ ଗପ ପଢ଼ିବାକୁ, ସେଇ ଭିନ୍ନ ପରିଚୟର କଥାକାର ହେଉଛନ୍ତି ସୁନୀଲ ବୋଷ। ଯେତିକି ତଲ୍ଲୀନ କରନ୍ତି ଅଳ୍ପ ଗଳ୍ପରେ, ସେତିକି ମୋହାଚ୍ଛନ୍ନ କରାଇପାରନ୍ତି ବଡ଼ ଗପରେ। ତାଙ୍କ ଗପର ଗଢ଼ଣରେ ଥାଏ ନିଆରାପଣ। ପରଷିବାର ଶୈଳୀରେ ଥାଏ ପାଠକଙ୍କୁ ଆପଣେଇ ନେବାର ସମ୍ମୋହନ। ତାଙ୍କ ଗପ ଲାଗେ ଆମ ଚାରିପାଖେ ଘଟୁଥିବା ନିଚ୍ଛକ ସତ୍ୟ ଘଟଣାର ବାସ୍ତବ ଚିତ୍ର ଯେମିତି। ଗପର ମିଠାପଣରେ ହଜିଯାଏ ପାଠକ। ଖୋଜୁଥାଏ ନିଜକୁ ଗପ ଭିତରେ। ତାଙ୍କ ରଚିତ 'ସକାଳର ଚା' ସହ ପଢ଼ିଲା ଭଳି କିଛି ଗପ', 'ଗପର ଗଜଲ୍', 'ମଡେଲ୍ ଓ ଅନ୍ୟାନ୍ୟ ଗଳ୍ପ', 'ଫୁଲଗଛ ମରିନି' ଓ 'ବୋତାମଛିଣ୍ଡା ସାର୍ଟ ଓ ଅନ୍ୟାନ୍ୟ ଗଳ୍ପ' ଓଡ଼ିଆ ଗଳ୍ପ ସାହିତ୍ୟରେ ସ୍ୱତନ୍ତ୍ରତା ଜାହିର କରେ। ସୁନୀଲଙ୍କ ସହ ଏଥର ସୃଜନ– ଆଳାପରେ କବି ରମେଶ ମଙ୍ଗରାଜ...**




ପ୍ର: ଆପଣ ଗଳ୍ପ କ୍ଷେତ୍ରକୁ କେମିତି ପ୍ରବେଶ କଲେ ?

ଉ: ମୋ' ଦେଇ ଆଉ କିଛି ହେଲାନି ବୋଲି ହିଁ ଗପ ଲେଖୁଛି। ଯାହାକୁ ଯେଉଁ କାମଟି ସହଜ ଲାଗେ, ସିଏ ସେଇ କାମଟିକୁ ଆଦରିନିଏ। ଯେଉଁ ପିଲାର ଗଣିତ ହୁଏନି, ସେ କ'ଣ ସବୁବେଳେ ଗଣିତ କଷୁଥାଏ ? ତା'ଛଡ଼ା ମୋ' ଜନ୍ମ ଖୋର୍ଦ୍ଧାରେ। କାନ ଉଠିବା ଦିନୁ ଶୁଦ୍ଧ ଓଡ଼ିଆ ଭାଷା ପଡ଼ିଲା କାନରେ। ତେଣୁ ଲେଖିବା କଷ୍ଟ ହେଇନି।

ପ୍ର: ଆପଣ ଭଲ ଗପ କାହାକୁ କହିବେ ? ଆପଣଙ୍କ ପ୍ରିୟ ଗାଳ୍ପିକ ଏବଂ ପ୍ରିୟ ପୁସ୍ତକ ବିଷୟରେ କିଛି କହିବେ କି ?

ଉ: ଯେଉଁ ଗପ ପଢ଼ି ହୋଇଯାଏ, ଗଳ୍ପ ଭିତରକୁ ଟାଣିନିଏ ଆଉ ଗଳ୍ପ ଭିତରେ ବାନ୍ଧିରଖେ ପାଠକଙ୍କୁ, ତାକୁ ମୁଁ ଭଲ ଗପ କହେ। ମୋତେ ଭଲଲାଗେ ଫକୀର ମୋହନ ସେନାପତି, ଗୋଦାବରୀଶ ମହାପାତ୍ର ଏବଂ ସୁରେନ୍ଦ୍ର ମହାନ୍ତିଙ୍କ ଗପ। ମୋତେ ଆଚ୍ଛନ୍ନ କରି ରଖିବା ଭଳି ବହି ମୁଁ ପଢ଼ିନି ଏଯାଏଁ। ମୋ' ହାତରେ ପଡ଼ିନି। ନାହିଁ ବୋଲି କହୁନି।

ପ୍ର: ଆପଣଙ୍କ ଗଳ୍ପସମ୍ଭାର ଭିତରେ ଥାଏ ଏକ ଭିନ୍ନ ନିଆରାପଣ। ପାଠକଙ୍କୁ ବାନ୍ଧି ରଖିବାର ସମ୍ମୋହନ ଶକ୍ତି। ଏହା ପଛର ରହସ୍ୟ କ'ଣ ?

ଉ: ମୁଁ ସବୁବେଳେ ଚେଷ୍ଟା କରେ ମୋ' ଗପ କେମିତି ଅନ୍ୟମାନଙ୍କ ଭଳି ନ ହେଉ। ଏଇ ସତର୍କତା ପାଇଁ ବୋଧେ ମୋ' ଗପ ପାଠକଙ୍କୁ ନିଆରା ଲାଗେ। ପାଠକ ନ ଝୁଣ୍ଟନ୍ତୁ, ବିରକ୍ତ ନ ହୁଅନ୍ତୁ, ଏ ଦିଗକୁ ଖୁବ୍ ଗୁରୁତ୍ୱଦିଏ। ଏଇଟା ହିଁ ରହସ୍ୟ।

ପ୍ର: ଆପଣଙ୍କ ମନଛୁଆଁ ଗଳ୍ପ ଭିତରୁ କେଉଁଟି ଆପଣଙ୍କୁ ଅଭିଭୂତ କରିଛି ଓ କାହିଁକି ?

ଉ: ମୋର କୌଣସି ଗଳ୍ପ ମୋତେ ଅଭିଭୂତ କରିନି। ପାଠକଙ୍କୁ କରିଥାଇପାରେ !

ପ୍ର: ଆପଣଙ୍କ ଗପରେ ଆଠଣାର ସେଫ୍ଟିପିନ୍ ହୋଇପାରେ ଅନେକ ମୂଲ୍ୟବାନ୍। ବୋତାମଛିଣ୍ଡା ସାର୍ଟ ହୋଇପାରେ ସ୍ମୃତିର ସ୍ମାରକୀ। ସକାଳର ଚା' କପ୍‌ରେ ସୃଷ୍ଟି ହୋଇପାରେ ଝଡ଼। ଗପ ବି ହୋଇପାରେ ଗଜଲ୍। ଏଇଭଳି ମିଠା ଇନ୍‌ସୁଲିନ୍ ପ୍ରସ୍ତୁତ କରିବାରେ ଆପଣ ମାହିର୍। ଏହା ପଛର କାରଣଟି କ'ଣ ?

ଉ: ଏକଦମ୍ ମାମୁଲି ଘଟଣାଟିଏ ହୋଇଥିବ, କିନ୍ତୁ ଟିକେ ଭିନ୍ନତା ଥିବ, ଟିକେ ଚମକ ଥିବ, ପାଠକଙ୍କୁ କିଛି ସମୟ ଝୁମେଇ ରଖୁଥିବ, ପାଠକଙ୍କୁ ଲାଗିବ– ଇଏ ତ ଆମରି କଥା, ଆମ ନଜରରେ କେମିତି ପଡ଼ିନି ? ପାଠକଙ୍କ ଏଇସବୁ ଦୁର୍ବଳତାର ଫାଇଦା ଉଠାଇବାକୁ ସବୁବେଳେ ଚେଷ୍ଟା କରେ। କାରଣ ଏତିକି।

ପ୍ର: ଗଳ୍ପ, ଗାଳ୍ପିକ ଓ କାଳର ପ୍ରଭାବ– ଏହାକୁ ଆପଣ କେମିତି ଦେଖନ୍ତି ?

ଉ: କାଳର ପ୍ରଭାବ ତ ନିଶ୍ଚେ ରହିବ। କାଳ ବଦଳିବା ସହିତ ଗଳ୍ପ ବଦଳେ। ସାହିତ୍ୟ ତ ସବୁବେଳେ ସହିତ ଥାଏ। ଆମେ ବଦଳିଲେ ସାହିତ୍ୟ ବଦଳେ।

ପ୍ର: ସୋସିଆଲ ମିଡିଆରେ ସ୍ଥାନିତ ହେଉଥିବା ଗଳ୍ପକୁ ଆପଣ କେଉଁ ଦୃଷ୍ଟିରେ ଦେଖନ୍ତି ?

ଉ: ସୋସିଆଲ ମିଡିଆକୁ ଆପଣ ସାହିତ୍ୟ ହାଟ କହିପାରନ୍ତି। ହାଟରୁ ଯେମିତି ବାଛିକି କିଣିଲେ ତଟକା ପରିବା କିଣିହୁଏ, ଠିକ୍ ସେମିତି ସୋସିଆଲ ମିଡିଆରୁ ବାଛିକି ପଢ଼ିଲେ ବଢ଼ିଆ ବଢ଼ିଆ ସର୍ଜନା ପାଇବେ। ଛାପା ପତ୍ରପତ୍ରିକାରେ ପ୍ରକାଶିତ ସବୁ ଲେଖା କ'ଣ ଖୁବ୍ ଉନ୍ନତମାନର ? ସମ୍ପାଦକଙ୍କୁ ଯେଉଁ ଲେଖା ଭଲ ଲାଗିଲା, ତାହା ଯେ ଅନ୍ୟମାନଙ୍କୁ ଭଲ ଲାଗିବ ୟାର କ'ଣ କିଛି ମାନେ ଅଛି ?

ପ୍ର: ମୁକ୍ତି ଅପେକ୍ଷାରେ ଥିବା ଆପଣଙ୍କ ଗଳ୍ପ ସଂକଳନ 'ଗାନ୍ଧିଙ୍କ ଚଷମା ଓ ଅନ୍ୟାନ୍ୟ ଗଳ୍ପ' ବିଷୟରେ କିଛି କହିବେ କି ?

ଉ: ଏ ବହିର ଅଧିକାଂଶ ଗପ ଗାନ୍ଧି ଦେଖି ନ ଥିବା ସ୍ୱପ୍ନ ଉପରେ ଆଧାରିତ।

ପ୍ର: ଗୋଟେପଟେ ଜୀବନ–ଜୀବିକା, ଅନ୍ୟପଟେ ଗଳ୍ପ ଲେଖିବାର ଅହେତୁକ ଇଚ୍ଛା, କେମିତି ସନ୍ତୁଳନ ରଖନ୍ତି ?

ଉ: ମୁଁ ଖବରକାଗଜରେ କାମ କରେ। ତେଣୁ ଲେଖିବା ମୋ' ବୃତ୍ତି। ଗପ ଲେଖିବା ପ୍ରବୃତ୍ତି। ତେଣୁ ବୃତ୍ତି–ପ୍ରବୃତ୍ତି ସମାନ ହୋଇଥିବାରୁ ସମସ୍ୟା ହୁଏନି।

ପ୍ର: ଆପଣ ଏତେବର୍ଷ ହେଲା ଲେଖାଲେଖି କଲେଣି, ଆପଣଙ୍କ ଷ୍ଟାଇଲ୍ ନିଆରା, ଆପଣଙ୍କ କାହାଣୀରେ ନୂତନତା ଥାଏ। ଆପଣ ଏଇ ସମୟର ଘଟଣାକୁ ନେଇ କାହାଣୀ ଗଢ଼ନ୍ତି, କିନ୍ତୁ ଆପଣଙ୍କୁ ନେଇ ଚର୍ଚ୍ଚା ହୁଏନି ଖୁବ୍ ଗୋଟେ ?


ଉ: ନିଜକୁ କେମିତି ଚର୍ଚ୍ଚିତ କରାଇବାକୁ ହୁଏ, ସେ ସୂତ୍ରଟି ମୋତେ ଜଣାନାହିଁ। ସେଇ କାରଣରୁ ମୋତେ ନେଇ ଚର୍ଚ୍ଚା ନାହିଁ ବୋଧେ !

ପ୍ର: ଆପଣ କୌଣସି ନାମୀ ପୁରସ୍କାର ପାଇନାହାନ୍ତି। କଷ୍ଟ ଲାଗେନି ?

ଉ: ଜଣେ ବୟସ୍କା ଭଦ୍ରମହିଳା ଫୋନ୍ କଲେ। ଅବସରପ୍ରାପ୍ତ ଅଧ୍ୟାପିକା ବୋଲି ପରେ ଜାଣିଲି। ସିଏ ମୋର "ସକାଳର ଚା' ସହ ପଢ଼ିଲା ଭଳି କିଛି ଗଳ୍ପ" ବହିଟି ପୁସ୍ତକମେଳାରୁ କିଣି ପଢ଼ିବା ପରେ ଫୋନ୍ କରିଥିଲେ। ପଚାରିଲେ– ଆପଣ ସୁନୀଲ ବୋଷ ତ ? ମୁଁ 'ହଁ' କଲାରୁ ସିଏ କହିଲେ– ଆପଣଙ୍କ ବହିର ନାଁଟା ଉପରେ ମୋର ଟିକେ ଅଭିଯୋଗ ଅଛି। ମୁଁ କହିଲି– କହୁନାହାନ୍ତି, କ'ଣ ଅଭିଯୋଗ ? ସିଏ କହିଲେ– ସକାଳର ଚା' ସହ ଆପଣଙ୍କ ବହି ଯେତେଥର ପଢ଼ିଛି, ସବୁଥର ଚା' ଥଣ୍ଡା ହୋଇଯାଇଛି ଗଳ୍ପ ଭିତରେ ବୁଡ଼ି ରହିବା କାରଣରୁ। ଗପର ମଜା ନେଉ ନେଉ ଚା'ର ମଜା ନେଇପାରିନି କେତେବେଳେ। ଆପଣଙ୍କ ଗଳ୍ପ ଏକଦମ୍ ବାନ୍ଧିରଖେ। ୟା'ଠୁ ଆଉ ବଡ଼ ପୁରସ୍କାର କ'ଣ ଅଛି ? ପାଠକଙ୍କ ପାଇଁ ଲେଖେ। ପାଠକଙ୍କୁ ଭଲ ଲାଗିଲେ ହେଲା। ପୁରସ୍କାର ନ ପାଇବାର ଆଉଗୋଟେ କାରଣ ହେଉଛି– ପୁରସ୍କାର ପାଇଁ ଗୋଷ୍ଠୀ ଭିତରେ ରହିବାକୁ ପଡ଼େ। ମୁଁ ଟିକେ ଗୋଷ୍ଠୀଛଡ଼ା ସ୍ୱଭାବର। ତେଣୁ ମୋତେ ନେଇ ଚର୍ଚ୍ଚା ନାହିଁ।

ପ୍ର: ଆଜିକାଲି ଲେଖୁଥିବା କଞ୍ଚାହାତମାନଙ୍କୁ କ'ଣ ରହିବ ଆପଣଙ୍କ ପରାମର୍ଶ ?

ଉ: ନିଜ ଭଳି ଲେଖନ୍ତୁ, ଅନ୍ୟମାନଙ୍କ ଭଳି ଲେଖିବାକୁ ଚେଷ୍ଟା କରନ୍ତୁନି। ନିଜର ଏକ ସ୍ୱତନ୍ତ୍ର ଶୈଳୀ ତିଆରି କରନ୍ତୁ, ଯେମିତି ଅନ୍ୟମାନେ ତାକୁ ଲୋଭେଇବେ।









ସ୍ମରଣୀୟ



ତରୁଣକାନ୍ତି ମିଶ୍ର

# ଭାସ୍ୱତୀ

ମୋ' ହାତରେ ଏବେ ଏକ ଅଦ୍ଭୁତ ଝକମକି ପଥର। ଅଦ୍ଭୁତ ତା'ର ରଙ୍ଗ, ଅଲୌକିକ ଏକ ଉତ୍ତାପର କୋମଳ ସ୍ରୋତ ରହିଛି ଯେମିତି ତା' ଭିତରେ। ଅନେକ ଦିନ ତଳେ, ଅନେକ ଅନେକ ବର୍ଷ ତଳେ, ଏ ଝକମକି ପଥରଟି ମୋ' ହାତକୁ ଆସିଥିଲା।

ଏକ ମ୍ଲାନ୍ ସନ୍ଧ୍ୟାରେ ବିମର୍ଷ ଛାୟାଚ୍ଛନ୍ନତା ଭିତରେ, ମୁଁ ଏକାକୀ ଶୋଇ ରହିଥିଲି ବିଛଣାରେ। ଝରକା ସେ ପାଖରେ ପାଣ୍ଡୁର ଆକାଶ, ସ୍ତିମିତ ଗୋଧୂଳି।

ମତେ ସେତେବେଳେ ଭାରି କଷ୍ଟ ହୋଇଥିଲା, ବେଶ୍ କିଛି ସମୟ ଧରି। ମତେ ଲାଗୁଥିଲା ଏଇ ସୂର୍ଯ୍ୟାସ୍ତ ହିଁ ମୋର ଶେଷ ପରମାୟୁ। ଆଗକୁ ଆଉ କିଛି ନାହିଁ ମୋ ପାଇଁ। ସେତେବେଳେ ମୋର ବୟସ ମାତ୍ର ଚଉଦ ବର୍ଷ। ଜୀବନର ବିସ୍ତୃତି ମୋ' ପାଇଁ ଥିଲା ଯେତିକି ଅପରିଚିତ, ମୃତ୍ୟୁର ଚତୁଃସୀମା ସେମିତି ଅଜଣା। ମରିଗଲେ କେମିତି ଲାଗେ! କ'ଣ ଘଟେ ତା' ପରେ? କେତେ ଅନ୍ଧାର, କେତେ ଆଲୁଅ, କେତେ ସୁଖ, କେତେ ଯନ୍ତ୍ରଣା? ନା କିଛି ବି ନାହିଁ?

ମତେ ଯଦି ମରିବାକୁ ଥିଲା ଏମିତି ଅସମୟରେ, ମାତ୍ର ଚଉଦ ବର୍ଷ ବୟସରେ, ମୁଁ ଜନ୍ମନେଲି ଅବା କାହିଁକି? ନିୟତିର ଏ କି ନିଷ୍ଠୁର ପରିହାସ ମୋ ପ୍ରତି! ଏ କି ଦଣ୍ଡ!

କିନ୍ତୁ ସତରେ କ'ଣ ଭଗବାନ୍ ଅଛନ୍ତି ପୃଥିବୀରେ! କିଛି ଅଛି କି ପ୍ରମାଣ?

ମୋ' ମୁଣ୍ଡ ଉପରେ କିଏ ଜଣେ ହାତ ରଖିଲା। ବେଶ୍ ଥଣ୍ଡା, କୋମଳ କେତୋଟି ଆଙ୍ଗୁଠି।

ମୁଁ ଚମକି ପଡ଼ିଲି। ହୁଏତ ଏକ ଅସ୍ଫୁଟ ଶୀତ୍କାର ବି ଥିଲା ତା' ସହିତ, ଯାହା ନିଃଶବ୍ଦରେ ଲୀନ ହୋଇଗଲା ମୋ' କଣ୍ଠନଳୀରେ। ଛାୟାଚ୍ଛନ୍ନ ନିର୍ଜନତା ଭିତରେ, ନରମ ଓ ମୃଦୁ ସ୍ୱରରେ କେହି ଜଣେ ମତେ କିଛି କହିଲା।

ମୁଁ କିଛି କିନ୍ତୁ ବୁଝିପାରିଲି ନାହିଁ।

ଅନ୍ଧାର ଏବେ ଆହୁରି ଜମାଟ ବାନ୍ଧୁଥିଲା କୋଠରି ଭିତରେ। ରୁଦ୍ଧ ହୋଇଯାଇଥିବା ପବନ ହୁଗୁଳି ଆସୁଥିଲା, ତରଳି ଯାଉଥିଲା କିଛି ଅଦୃଶ୍ୟ ଦ୍ରବଣ।

– କିଏ ତୁମେ!

ଏତେ ଅନ୍ଧାର ଅବଶ୍ୟ ନ ଥିଲା କୋଠରି ଭିତରେ, କିନ୍ତୁ ମତେ ଲାଗୁଥିଲା ମୁଁ କିଛି ଦେଖିପାରୁ ନାହିଁ। ସମ୍ଭାବତଃ ମୁଁ ଅନ୍ଧ ପାଲଟିଯାଇଛି।

– ମୁଁ ଶାଶ୍ୱତୀ।

– ଶାଶ୍ୱତୀ?

ମତେ ଲାଗିଲା ଏମିତି ଗୋଟିଏ ନାମ ମୁଁ କେବେ ଦିନେ ଶୁଣି ନାହିଁ ଜୀବନରେ ; ପରିଚୟ ତ ଦୂରର କଥା।

ମୃଦୁ ଅଥଚ ମଧୁର ବାସ୍ନାଟିଏ ଧୀରେଧୀରେ ଖେଳାଇ ହୋଇଗଲା ମୋତେ ଘେରି ରହିଥିବା ପବନରେ, ଦୂରରେ କେଉଁଠି ଅଚିହ୍ନା ପକ୍ଷୀଟିଏ ଡାକିଲା ତା'ର ବାଟହଜା ସାଥିକୁ, ତା' ପରେ ନିଶ୍ଚୁପ୍ ହୋଇଗଲା।

–ଭାରି କଷ୍ଟ ଲାଗୁଛି, ନା?

ହୁଏତ ସେଇ ପକ୍ଷୀଟିର ସ୍ୱର କିମ୍ବା ପବନରେ ଭାସି ବୁଲୁଥିବା ମୃଦୁ ମହକର ଶବ୍ଦଲିପି।

– ବ୍ୟସ୍ତ ହୁଅ ନାହିଁ, ସବୁ ଠିକ୍ ହୋଇଯିବ।

ନରମ ସ୍ୱରଟି ମୋତେ କହିଲା, ଅଦୃଶ୍ୟ ପ୍ରଲେପ ମୋ' ଦେହସାରା ବୋଳି ଦେଲା ପରି।

କିନ୍ତୁ କ'ଣ ସବୁ ଠିକ୍ ହୋଇଯିବ? ମୋର ନବମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇସାରିଛି ଚାରିଦିନ ତଳେ, ଆନ୍ତଃଜିଲା ପ୍ରବନ୍ଧ ପ୍ରତିଯୋଗିତା ଶେଷ ହୋଇଯାଇଛି ଏଗାର ଦିନ ଆଗେ, ଝୁନୁ ମାଉସୀ ବାହା ହୋଇ ଆମେରିକା ଚାଲିଗଲେ ଗତ ମାସ ଅଠେଇଶ ତାରିଖ ଦିନ, ଆଉ ମୁଁ ଫୁଲକୁଣ୍ଡରେ ପୋତିଥିବା ଗୋଲାପ ଗଛଟି ଝାଉଁଳି ପଡ଼ିଛି ମୋ' ଦେହ ଖରାପ ହେବାର ଠିକ୍ ପରଦିନ। ଆଜିକି ତିନି ସପ୍ତାହ ତଳେ।

– ମୁଁ ଜାଣେ ମୁଁ ବଞ୍ଚିବି ନାହିଁ। ବୋଧେ କାଲି ସକାଳ ପର୍ଯ୍ୟନ୍ତ।

ମୋର ଏହି ନିର୍ମମ ଉଚ୍ଚାରଣଟି ପବନରେ ଭାସିଗଲା, ଖରାଦିନର ଭସା ବାଦଲ ପରି ଦୂରକୁ ଦୂରକୁ।

ଆଦ୍ୟ ଆଷାଢ଼ର ବର୍ଷା ପରି ଛନ୍ଦମୟ ଶୁଣାଗଲା ସେହି ନରମ ସ୍ୱରଟି।

– ସବୁ ଠିକ୍ ହୋଇଯିବ।

– ଭାସ୍ୱତୀ?

– ହଁ, ମୁଁ ଭାସ୍ୱତୀ।

– କିନ୍ତୁ ତୁମେ କହିଲ ଯେ...

ମୋର ମନେପଡ଼ିଲା ନାହିଁ, ମିନତି, ପ୍ରଣତି ଅବା ଶାଶ୍ୱତୀ। ମନେପଡ଼ିଲା ନାହିଁ କେଉଁ ନାମଟି ଶୁଣିଥିଲି ଏବେ। ମୁଁ ଟିକିଏ ସମୟ ଚୁପ୍ ରହିଲି।

– ସେ ପାଖର ଝରକା ଖୋଲିଦେବି? ଆଜି ପୂର୍ଣ୍ଣିମା, ସୁନ୍ଦର ଜହ୍ନ ଉଠିବ ଆକାଶରେ।

କ୍ରମଶଃ ଘନ ହୋଇ ଆସୁଥିବା ଅନ୍ଧାର ଭିତରେ କୋଠରିଟି ମନେ ହେଉଥିଲା ଏକ ବିଶାଳ ପ୍ରାଗୈତିହାସିକ ସିନ୍ଦୁକ ପରି ନିର୍ମମ।

– ଭାସ୍ୱତୀ, ମୁଁ କାଲି ଗୋଟେ ସ୍ୱପ୍ନ ଦେଖିଥିଲି। ସ୍ୱପ୍ନରେ ଦେଖିଲି ଯେ ମୁଁ ମରିଯାଇଚି।

– ମୁଁ ବି ସେମିତି ଗୋଟେ ସ୍ୱପ୍ନ ଦେଖିଥିଲି, ଶୁକ୍ରବାର ରାତିରେ।

ଭାସ୍ୱତୀ କହିଲା ଏମିତି ଢଙ୍ଗରେ, ଯେମିତି ସେ ସକାଳ ହେଲେ ସୂର୍ଯ୍ୟ ଉଇଁବା କଥା କହୁଛି। ନିହାତି ସାଧାରଣରେ ଦୈନନ୍ଦିନ କଥା। କିନ୍ତୁ ମୁଁ ଯେଉଁ ସ୍ୱପ୍ନ ଦେଖିଥିଲି, ତାହା ସାଧାରଣ ନ ଥିଲା, ଖୁବ୍ ଲମ୍ବା ଗୋଟିଏ ଦୁଃସ୍ୱପ୍ନ ; ଯାହା ସାରା ରାତି ମୁଁ ଦେଖୁଥିଲି। ମଝିରେ ମଝିରେ ମୋର ନିଦ ଭାଙ୍ଗି ଯାଉଥିଲା, ପୁଣି ନିଦ ଲାଗିଗଲା ପରେ ଫେରି ଆସୁଥିଲା ସେହି ଦୁଃସ୍ୱପ୍ନ ସମୁଦ୍ରର କଳାକଳା ଲହଡ଼ି ପରି। ସକାଳକୁ ମୋ' ଦେହ ଝାଳରେ ପୂରାପୂରି ଭିଜି ଯାଇଥିଲା।

ଇସ୍, ତୁମ ଦେହରେ ଏତେ ଝାଳ!

ଭାସ୍ୱତୀ ମୋ' ପାଖକୁ ଆସି ଝାଳ ପୋଛିବାର ଉପକ୍ରମ କରୁଥିଲା। କିନ୍ତୁ ମୋ' ଦେହକୁ ସ୍ପର୍ଶ ନ କରି ସେ ଝରକା ପାଖକୁ ଗଲା।

ଝରକା ଖୋଲିଗଲା ପରେ ସେପାଖ ଆକାଶରେ ପୂର୍ଣ୍ଣିମାର ଜହ୍ନ ଝଲି ଉଠିଥିଲା।

– ମରିଯିବା ସ୍ୱପ୍ନ ମୁଁ ବହୁତଥର ଦେଖିଛି। କିନ୍ତୁ ଗୋଟେ କଥା ଜାଣ?

ଭାସ୍ୱତୀ, ଫେରିଆସିଲା ମୋ' ପାଖକୁ। ଠିଆହେଲା ମୋ' ମୁଣ୍ଡ ପାଖରେ, ଯେଉଁଠି ଥାଇ ସେ ମୋତେ ଦେଖିପାରୁଥିବ, କିନ୍ତୁ ମୁଁ ତାକୁ ଦେଖିପାରିବି ନାହିଁ।

– ସ୍ୱପ୍ନରେ ମରିଗଲା ବେଳେ ଜମା କଷ୍ଟ ହୁଏନାହିଁ। ଟିକେ ବି କଷ୍ଟ ଲାଗେ ନାହିଁ। ପାହାଡ଼ ଉପରୁ ତଳକୁ ଖସିପଡ଼ିବା ବେଳେ, ନିଆଁ ଭିତରେ କିମ୍ବା ବରଫ ଭିତରେ ପୋତି ହୋଇଯିବା ସମୟରେ।

ମୋର ଏତେ ଦିନର ଅଭିଜ୍ଞତା ନେଇ ମୁଁ ଏବେ ଜାଣେ, ସେଦିନ ଭାସ୍ୱତୀ ଠିକ୍ କଥା କହିଥିଲା। ସ୍ୱପ୍ନ ଭିତରେ କଷ୍ଟ ଏମିତି କିଛି ଯନ୍ତ୍ରଣାଦାୟକ ନୁହେଁ, ଅସହନୀୟ ନୁହେଁ। କିନ୍ତୁ ସ୍ୱପ୍ନରେ ଯାହା ଖାଲି ଘାଣ୍ଟି ହୋଇ ଯାଉଥାଏ ତାହା ଦୁର୍ବଳ ମନଟିଏ ଓ ତା'ର ସ୍ୱର୍ଶକାତରତା।

ଭାସ୍ୱତୀ ମୋ' ମୁଣ୍ଡରେ ପୁଣି ହାତ ରଖିଲା। ଫୁଲପରି, ବର୍ଷାର ଛିଟା ପରି, ଚୁମା ପରି ନରମ ଓ କୋମଳ ସ୍ପର୍ଶ।

– ଭାସ୍ୱତୀ, ମତେ କିଛି ଭଲ ଲାଗୁନାହିଁ।

ଭାସ୍ୱତୀ ହୁଏତ ମୋ କଥା ଶୁଣିପାରିଲା ନାହିଁ, ସେମିତି ସେ ହାତ ରଖିଥିଲା ମୋ' କପାଳ ଉପରେ। କେତେ ସମୟ ଧରି? କେତେ ସୁଦୀର୍ଘ ମହାକାଳର ବିସ୍ତୃତି ପର୍ଯ୍ୟନ୍ତ?

ମୋ' ଆଖି ଧୀରେଧୀରେ ବୁଜି ହୋଇ ଆସିଲା। ହାଲୁକା ସ୍ୱପ୍ନ ଭିତରେ ଭାସିବାକୁ ଲାଗିଲା ମୋର ଚେତନ ସତ୍ତା।

ସ୍ୱପ୍ନ ଧୀରେଧୀରେ ପତଳା ହୋଇ ଆସିବା ଭିତରେ ଭିତରେ ମୁଁ ଶୁଣିବାକୁ ପାଉଥିଲି ଭାସ୍ୱତୀ ମତେ କିଛି କହୁଚି। ନିରବଚ୍ଛିନ୍ନ ଭାବେ, ସମ୍ଭବତଃ ଅନେକ ସମୟ ଧରି।

ହୁଏତ ସେ କହୁଥିଲା ତା'ର ପରୀକ୍ଷାରେ ଭଲ ହେବା କି ନ ହେବା କଥା, ତା'ର ସହପାଠିନୀ ସହିତ ଝଗଡ଼ା ତୁଟିଯାଇ ସାଙ୍ଗ ହେବା କଥା କିମ୍ବା ସଦ୍ୟ ଫେରିଥିବା ବଣଭୋଜିର ବୃତ୍ତାନ୍ତ କିମ୍ବା ଆଉ କିଛି।

ସବୁ କଥା ଏବେ ଏକାପରି ଶୁଭୁଥିଲା ମୋ' କାନକୁ।

– ଆଲୁଅ ଜାଳିଦେବି?

ଏ ପ୍ରଶ୍ନଟି ମୋ' ପାଇଁ ଥିଲା ସରଳ ଓ ବୋଧଗମ୍ୟ। ମୁଁ କହିଲି– ଥାଉ, ଦରକାର ନାହିଁ।

ଆଉ ଟିକିଏ ପରେ ମାଆ ଆସିବେ କିମ୍ବା ଭାଉଜ ଆସିବେ। ଥର୍ମୋମିଟର, ଔଷଧ, ପାଉଁରୁଟି, ଦୁଧ କିମ୍ବା ଫଳରସ। ଆଃ...

– ଭାସ୍ୱତୀ!

– ଉଁ?

– ଆସ ମୋ' ପାଖକୁ।

ସାମାନ୍ୟ ବିସ୍ମିତ ଆଖିରେ ଭାସ୍ୱତୀ ଚାହିଁଲା ମୋ' ଆଡ଼କୁ। ଅନ୍ଧାର ସତ୍ତ୍ୱେ ମୋ' ଆଖିକୁ ତାହା ଅଦୃଶ୍ୟ ରହିଲା ନାହିଁ।

ସେ ମୋ' ପାଖକୁ ଆଗେଇ ଆସିଲା ଦୁଇ ପାଦ।

ଅନ୍ଧାରରେ ମୁଁ ତା'ର ଗୋଟିଏ ହାତକୁ ଧରି ନେଲି, ଦୁଇ ଦୁର୍ବଳ ହାତରେ।

– ଭାସ୍ୱତୀ।

ମୋ' ନିଃଶ୍ୱାସର ଗତି ଏବେ ବଦଳିବାକୁ ଆରମ୍ଭ କରିଥିଲା। ଦ୍ରୁତ, ଅନିୟମିତ।

– ଭାସ୍ୱତୀ, ଆଜି ବୋଧେ ଶେଷ ରାତି। ମୁଁ ଜାଣେ, ଠିକ୍ ଜାଣେ।

ମୋ' ହାତର ବନ୍ଧନୀ କ୍ରମଶଃ ଦୃଢ଼ ହୋଇ ଆସୁଥିଲା, ଝାଳ କଣ୍ଟି ଯାଉଥିଲା ଦୁଇ ପାପୁଲିରେ। ଥରିଲା ଗଳାରେ ଥିଲା ମୋର ଗୋଟିଏ ପ୍ରଶ୍ନ।

– କାହିଁକି ଏମିତି ହେବାର ଥିଲା ଭାସ୍ୱତୀ! କୁହ କାହିଁକି?

ମୋ' ହାତରେ ଏତେ ବଳ କେଉଁଠି ଥିଲା ଜଣାନାହିଁ, ମୁଁ ଗୋଟିଏ ଝଟକାରେ ଭାସ୍ୱତୀକୁ ଟାଣିନେଲି ମୋ' ଛାତି ପାଖକୁ। ମୋ' ଦେହରେ ତାକୁ ଜଡ଼ାଇ ଧରିଲି କେତୋଟି ମୁହୂର୍ତ୍ତ। ତା' ପରେ ମୋ' ହାତ ହୁଗୁଳା ହୋଇଗଲା। ଧୀରେଧୀରେ ଯେମିତି କିଛି ହିଁ ଘଟିନାହିଁ, ସେମିତି ସେ ସିଧା ହୋଇ ଠିଆହେଲା।

–

ମୃତ୍ୟୁର ପରିଣତି କେବଳ ଦୁଇ ପ୍ରକାରର। ମୃତ୍ୟୁ ହୁଏତ ମହାନିଦ୍ରା, ଚିରକାଳ ପାଇଁ। କିମ୍ବା ମୃତ୍ୟୁ ଗୋଟିଏ ପ୍ରବେଶ ଦ୍ୱାର ନୂଆ ଜୀବନଟିଏ ପାଇଁ। ଯାହା ହେଲେ ବି ସେଥିରେ ଦୁଃଖ କରିବାର କ'ଣ ଅଛି? ଗୋଟିଏ ରାତିରେ ନିଦ ନ ଥିଲେ ଯଦି ଏତେ କଷ୍ଟ ଲାଗେ, ତେବେ ବୁଝିବାକୁ ହେବ ନିଦ୍ରା ଏକ ମହାସୁଖ। ଯଦି ତାହା ଅନନ୍ତକାଳ ପାଇଁ, ତେବେ ତା'ର ଅର୍ଥ ଅନନ୍ତକାଳ ବ୍ୟାପୀ ସୁଖ।

ଯଦି ତୁମେ ମରିଯାଅ, ତେବେ ଦୁଃଖ କରିବାର କ'ଣ ଅଛି?

ଅନ୍ଧାର ଭିତରେ ଆଶ୍ଚର୍ଯ୍ୟ ସତେଜ ସ୍ୱରଟିଏ ଥିଲା ଭାସ୍ୱତୀର। ଏତେ ସରଳ ଓ ଏତେ ପରିଷ୍କାର ଯେ ମୁଁ କିଛି ବୁଝିପାରିଲି ନାହିଁ ସେତେବେଳେ। ମୋତେ ଲାଗିଲା ଯେମିତି କିଛି ପବନ, କିଛି ବର୍ଷା, କିଛି ଜ୍ୟୋତ୍ସ୍ନା ଓ କିଛି ନିର୍ଜନତା ମୋତେ ଗ୍ରାସ କରିଯାଉଛି ଅବଲୀଳାକ୍ରମେ।

ଭାସ୍ୱତୀ ସେଦିନ ସନ୍ଧ୍ୟାରେ ମୋତେ କ'ଣ କହିଥିଲା, ତା'ର ଅବିକଳ ବିବରଣୀ ମୁଁ ଦେଇପାରିବି ନାହିଁ। ମୋର ଦୁର୍ବଳ ମନର ଆଚ୍ଛନ୍ନ ଭାବ, ମୋର ଅପରିପକ୍ୱ ଅବବୋଧ ଓ ରୋଗ ପାଣ୍ଡୁର ଚେତନା ମତେ ଅକ୍ଷମ କରି ରଖିଥିଲା ସେଇ ସମୟ।

ତଥାପି ଯାହା କିଛି ସଂରକ୍ଷିତ ହୋଇ ରହିଛି ମୋର ସ୍ମୃତିପଟରେ, ମୋର ସୁଷୁପ୍ତି ଓ ତୈଜସ ସତ୍ତାର ଧୂମିଳ ସୀମାନ୍ତରେ, ତାହା ଏକ ସଂକ୍ଷିପ୍ତ ସରଳ ବକ୍ତବ୍ୟ। ତାହା ଥିଲା ଏହିପରି:

ମୃତ୍ୟୁର ପରିଣତି କେବଳ ଦୁଇ ପ୍ରକାରର। ମୃତ୍ୟୁ ହୁଏତ ମହାନିଦ୍ରା, ଚିରକାଳ ପାଇଁ। କିମ୍ବା ମୃତ୍ୟୁ ଗୋଟିଏ ପ୍ରବେଶ ଦ୍ୱାର ନୂଆ ଜୀବନଟିଏ ପାଇଁ। ଯାହା ହେଲେ ବି ସେଥିରେ ଦୁଃଖ କରିବାର କ'ଣ ଅଛି? ଗୋଟିଏ ରାତିରେ ନିଦ ନ ଥିଲେ ଯଦି ଏତେ କଷ୍ଟ ଲାଗେ, ତେବେ ବୁଝିବାକୁ ହେବ ନିଦ୍ରା ଏକ ମହାସୁଖ। ଯଦି ତାହା ଅନନ୍ତକାଳ ପାଇଁ, ତେବେ ତା'ର ଅର୍ଥ ଅନନ୍ତକାଳ ବ୍ୟାପୀ ସୁଖ।

ଆଉ ମୃତ୍ୟୁ ପରେ ଯଦି ପୁନର୍ଜନ୍ମ ଅଛି, ତେବେ ଦୁଃଖ ବୋଲି କିଛି ନାହିଁ। ନୂଆ ତ ସବୁବେଳେ ସୁନ୍ଦର, ନୂଆ ତ ସବୁବେଳେ ସମ୍ଭାବନାର ସ୍ୱପ୍ନ।


ଏତେ କଥା, ଏପରି ଭାବେ ଭାସ୍ୱତୀ ମୋତେ କହିଥିଲା କି ନାହିଁ ମୋତେ ଜଣାନାହିଁ। ହୁଏତ ସେ ଏମିତି କିଛି କହିବାକୁ ଚାହିଁଥିଲା କିମ୍ବା ତା'ର କହିବାର ଥିଲା। ସେ ଯାହା କହିଥାଉ ନା କାହିଁକି, ଏହି ମର୍ମଲିପି ଖୋଦିତ ହୋଇ ରହିଗଲା ମୋ' ସ୍ମୃତିପଟରେ।

ଯାହା କହିବାର ଥିଲା କହିସାରି ଭାସ୍ୱତୀ ନୀରବ ହୋଇ ଯାଇଥିଲା। ଅନ୍ଧାର କୋଠରି ଭିତରେ ଯାହା ଚାରିପାଖେ ଘେରି ରହିଥିଲା ପୂର୍ଣ୍ଣିମାର ରାତି।

ସୁଦୀର୍ଘ ନୀରବତା ପରେ ଭାସ୍ୱତୀ ଶେଷକୁ କହିଥିଲା– ମୁଁ ଏଥର ଯାଉଛି।

– ଯାଉଛ?

– ହଁ। ଆଉ ତ ଦେଖା ହେବ ନାହିଁ। କାଲି ସକାଳ ଆଠଟାରେ ଆମ ଟ୍ରେନ୍।





ମୋ ଆଖି ସାମ୍ନାର ଅନ୍ଧାର ହଠାତ୍ ଚହଲିଗଲା। ସ୍ଥିର ସମୁଦ୍ରର ପାଣି ଅଚାନକ ଲହଡ଼ି ଭାଙ୍ଗିବା ପରି।

– କାଲି ସକାଳେ?

ମୁଁ ଅସ୍ଫୁଟ ଭାବେ ପଚାରିଲି। ବୁଝିପାରୁ ନ ଥିବା ଦୁଇଟି ଶବ୍ଦକୁ ଓଲଟପାଲଟ କଲା ପରି।

– କାଲି?

ମୋର ମନେ ହିଁ ନ ଥିଲା ଭାସ୍ୱତୀ ଏ ସହର ଛାଡ଼ି ଦୂରକୁ ଚାଲିଯାଉଛି, ଏ ସହରର ଦକ୍ଷିଣକୁ ତେର ଶହ ମାଇଲ୍ ଦୂର ଅନ୍ୟ ଏକ ସହରକୁ। ବାପା ଆଗରୁ ଯାଇ ଘର ଠିକଣା କରିସାରିଛନ୍ତି, ଏବେ ସେ ଯିବ ତା' ମାଆ ଓ ସାନଭାଇ ସହିତ।

କାଲି ସକାଳେ।

ଏ କଥା ସେ ମତେ କହିଛି ଅନେକ ବାର, ଏମିତି କି ଗତକାଲି ସନ୍ଧ୍ୟାରେ ବି।

ଅନେକ ସ୍ୱପ୍ନ ଭୁଲିଯିବା ପରି ଏକଥା ମୁଁ ଭୁଲିଯାଇଛି। ଗତ ତିନି ସପ୍ତାହ ଧରି ଜ୍ୱର ପ୍ରକୋପରେ ଅଥବା ବିନିଦ୍ର କ୍ଳେଶ ଭିତରେ, ମୁଁ ମନେ ରଖିପାରି ନାହିଁ କ'ଣ ଥିଲା ସ୍ୱପ୍ନ। ଆଉ କ'ଣ ସ୍ୱପ୍ନ ନୁହେଁ।

ଯାହା ସ୍ୱପ୍ନ ନୁହେଁ ତାହା ଯେ ବାସ୍ତବ, ଏମିତି କ'ଣ କିଛି କଥା ଅଛି? ବିଶେଷକରି ଗୋଟିଏ ଚଉଦ ବର୍ଷ ବୟସର କିଶୋର ପକ୍ଷରେ!

କୋଠରିର ଅନ୍ଧାର ଭିତରେ ହଠାତ୍ ଝଟକି ଉଠିଲା ଏକ ସ୍ଫଟିକର ବିରଳ ଜ୍ୟୋତି।

ଫ୍ରକ୍ ପ୍ରକେଟରୁ ଭାସ୍ୱତୀ ଇତିମଧ୍ୟରେ ବାହାର କରିସାରିଥିଲା ଗୋଟିଏ ଅଦ୍ଭୁତ ଝକମକି ପଥର। ନକ୍ଷତ୍ର ଖଚିତ ଆକାଶର ଦ୍ୟୁତି, କୋମଳ ଜ୍ୟୋତ୍ସ୍ନାର ଶୀତଳ ଆଭା ଓ ତା'ର ଦୁଇ ଆଖିର ଅଦୃଶ୍ୟ ମାଦକତା ଯେମିତି ଏକାକାର ହୋଇଯାଇଥିଲା ଝକମକି ପଥରର ଅଜସ୍ର ରଶ୍ମିରେ।

ସେ ହାତ ବଢ଼େଇଦେଲା ମୋ' ଆଡ଼କୁ। 'ନିଅ'।

ସେଇ ଝକମକି ପଥରଟି ଏବେ ସୁଦ୍ଧା ମୋ' ହାତରେ ରହିଛି।

କେତେ ବର୍ଷ, କେତେ ମାସ, କେତେ ଦିନ, କେତେ ମୁହୂର୍ତ୍ତ ପୂର୍ବେ ମୋ' ହାତକୁ ଆସିଥିଲା ଏଇ ଝକମକି ପଥରଟି?

ବଡ଼ ଅଦ୍ଭୁତ ଏଇ ମସୃଣ ସ୍ଫଟିକ ଖଣ୍ଡଟି। ରାତି ଅନ୍ଧାରରେ ଆଲୋକିତ ଦେଖାଯାଏ ତା'ର କ୍ଷୀଣ ଆଲୋକର ଉତ୍ସ। ହୁଏତ କିଛି କଳ୍ପନା ଓ କିଛି ବାସ୍ତବ ; ଯାହା ନେଇ ଜୀବନ ପୁଣି ଯାହା ନେଇ ମୃତ୍ୟୁ।

ଝକମକି ପଥରଟି ଦେହରେ ରହିଛି ଏକ ଅଦ୍ଭୁତ କୋମଳ ଉତ୍ତାପ, ସମ୍ଭବତଃ କିଛି ଗୋଟାଏ ତା' ଭିତରେ ନିଃଶବ୍ଦରେ ବିଚରଣ କରୁଥିବାର ବିରଳ ଅନୁଭବ।

ଭାସ୍ୱତୀ କହିଥିଲା, ଗତ ମାସ ବଣଭୋଜି ବେଳେ ଏ ଝକମକି ସେ ପାଇଥିଲା ମନ୍ଦାକିନୀ ନଈକୂଳରେ। ମନ୍ଦାକିନୀ ନଦୀ ଏ ସହରଠୁ ବେଶି ଦୂର ନୁହେଁ, ଅତି ଛୋଟ ଅକିଞ୍ଚନ ନଦୀଟିଏ। କିନ୍ତୁ ବନବନାନୀ ଭିତରେ ସୁନ୍ଦର ଅନୁପମ।

– ଦୁଇଟା ପଥର ପାଇଥିଲି। ଗୋଟିଏ ସେଥିରୁ ତୁମ ପାଇଁ। ଭାବିଥିଲି, ତୁମକୁ ଦିନେ ଗୋଟେ ସରପ୍ରାଇଜ୍ ଦେବି।

ଅନ୍ଧାର ଭିତରେ ଭାସ୍ୱତୀ ଏକ ଦେହ ନ ଥିଲା, ଯେମିତି ଅଲୌକିକ କିଛି ସତ୍ତା।

– ସେ ସୁଯୋଗ ମିଳିଲା ନାହିଁ ମତେ। କାଲି ମୁଁ ଯାଉଛି। ମତେ ମନେ ରଖିଥିବ। ଆଉ କ'ଣ କେବେ ଦେଖାହେବ ତୁମର ଆମର? ଭାସ୍ୱତୀ ସତ କଥା ହିଁ କହିଥିଲା।

ତା'ପରେ ଆଉ କେବେ ଦିନେ ତା'ର ମୋର ଦେଖା ହୋଇନାହିଁ। ଦକ୍ଷିଣରୁ ସେ ଚାଲିଗଲା ଆହୁରି ଦକ୍ଷିଣକୁ। ହୁଏତ ଏବେ ସେ ଦକ୍ଷିଣମେରୁ ଆରପାରି କେଉଁ ଏକ ରାଇଜରେ ଅଛି, ଏଠାକୁ ଅପହଞ୍ଚ।

ବିଦାୟ ନେଇଯିବା ଆଗରୁ ଭାସ୍ୱତୀ ଆସ୍ତେ ଆସ୍ତେ ମୋ' ପାଖକୁ ଆସି ମୋ' କପାଳକୁ ସ୍ପର୍ଶ କରିଥିଲା। ହୁଏତ ତା'ର ନରମ ଆଙ୍ଗୁଠି କେତୋଟିରେ କିମ୍ବା ତା'ର ଦୁଇ ଆର୍ଦ୍ର ଅଧରରେ କିମ୍ବା ତା'ର ହୃଦୟ ମତେ ସ୍ପର୍ଶ କରିଥିଲା କୋମଳ ବକ୍ଷ ଅନ୍ତରାଳରୁ।

ତା'ପରେ ସେ ଋଜୁ ହୋଇ ଠିଆ ହୋଇଥିଲା ଅନ୍ଧାର ଭିତରେ।

ମୁଁ ଜାଣେ ତା'ର ଅନେକ କିଛି କଥା କହିବାକୁ ବାକି ଥିଲା। ସେ ମତେ କ'ଣ କହିଲା, ଆଉ କ'ଣ କହିବାକୁ ଚାହିଁ କହିପାରିଲା ନାହିଁ ମୁଁ ଜାଣେ ନାହିଁ। ମୋର କିଛି ମନେପଡୁନାହିଁ।

ତେବେ ଏତିକି ତ ନିଶ୍ଚୟ କହିଥିଲା, ତା'ର ତେର ବର୍ଷର ଅନୁଭବକୁ ନେଇ, ତା' ନିଜର ଭାଷାରେ, ତା' ନିଜସ୍ୱ ଶବ୍ଦରେ।

କହିଥିଲା, ସବୁ ଦୁଃଖ ଆର ପାରିରେ ଅଛି ସୁଖଟିଏ। ଏମିତି କିଛି ଦୁଃଖ ନାହିଁ, ଯାହା ସହିହେବ ନାହିଁ।

ଭାସ୍ୱତୀ ତା' ପରେ କେତେବେଳେ କୋଠରିରୁ ଚାଲିଗଲା ମୁଁ ଜାଣିପାରିଲି ନାହିଁ। ମୋ ହାତରେ କିନ୍ତୁ ଚିକ୍‌ମିକ୍ କରୁଥିଲା ଝକମକି ପଥର ଗୋଟିକ। ଅସାଧାରଣ ଥିଲା ତା'ର ରଙ୍ଗ, ଅତୀନ୍ଦ୍ରିୟ ତା'ର ସ୍ପର୍ଶ ଅନୁଭୂତି। ମୋ' ଦେହ ଭିତରେ କ୍ରମଶଃ ବିକୀର୍ଣ୍ଣ ହେବାକୁ ଆରମ୍ଭ କରିଥିଲା ଏକ ଅନନ୍ୟ ଉତ୍ତାପର ସ୍ରୋତ। ପ୍ରଶାନ୍ତ କୋମଳ।

ମୁଁ ଧୀରେଧୀରେ ଶୋଇ ପଡ଼ିଥିଲି ଅଚେତନ ସ୍ୱପ୍ନ–ମୁକ୍ତ ନିଦ୍ରାରେ।

ଭାସ୍ୱତୀ ସହିତ ମୋର ଆଉ କେବେ ଦିନେ ଦେଖା ହେବ ନାହିଁ। ସେଥିପାଇଁ ମୋର ଦୁଃଖ ନାହିଁ। ଦୁଃଖ ବି ରହିବ ନାହିଁ, ଯେତେଦିନ ଧରି ମୋ' ହାତରେ ଥିବ ସେ ଦେଇଯାଇଥିବା ସ୍ୱଚ୍ଛ ସ୍ଫଟିକର ଏହି ଅଂଶବିଶେଷ।

ଏହି ଅଦ୍ଭୁତ ଝକମକି ପଥର।

# କବିତା

## ପ୍ରେମ ଶୀର୍ଷକରେ ରଚନା

**କମଳ କୁମାର ମହାନ୍ତି**

**ଆ**ମକୁ କୁହାଗଲା ଲେଖିବାକୁ
ପ୍ରେମ ସମ୍ପର୍କରେ ଗୋଟିଏ ରଚନା
ସେ ଲେଖିଦେଲା ପ୍ରେମ କେବଳ
ଦୁଇଟି ଦେହର ଖେଳ
ଯେଉଁଠି ନଥାଏ କିଛି ବାହାନା
ମୁଁ ଲେଖିଲି ଦୁନିଆସାରା
ଯେତେସବୁ ଅଛି ଖେଳ
କେଉଁ ଖେଳରେ ବି କେବେ
ପ୍ରେମକୁ ଗଣାଯାଏନା !

ଯିଏ କହୁଥିଲା ପ୍ରେମ ଦେହର ଖେଳ
ରଚନା ଅଧାରଖି ଫେରିଗଲା
ବିରକ୍ତିରେ ଆଖି କୁଞ୍ଚେଇ
ଖୋଜିବାକୁ ନୂଆ ଗୋଟେ ସାଥୀ
ତା' ଓଠରୁ ଲିଭିଥିଲା ହସ
ଆଖିରୁ ଇସାରା !

ମୁଁ ଲେଖିଲି ଲୁହର ଓଜନରେ
ମାପିବାକୁ ହୁଏ ପ୍ରେମ
ସବୁ ପ୍ରେମକଥାରେ ମୌନତାର
ଭାଷା ଯୋଡ଼ି ଲେଖିବାକୁ ହୁଏ ଚିଠି
ଲହୁର ସ୍ୟାହିରେ
ଦୁଃଖର କାନ୍ଧକୁ ଆଶ୍ରାକରି
ଲାଉହୋଇ ଓହଳି ପଡ଼ିଲେ
ଜଳନ୍ତା ଅଙ୍ଗାର ବି ଜହ୍ନର ଜ୍ୟୋତ୍ସ୍ନାହୋଇ
ଓହ୍ଲାଇପଡ଼େ ମନ ଓ ମରମ ଭିତରେ ।

ଏମିତି ରଚନା ଲେଖି ମୁଁ ପାଇଲି ବାହାବାଃ
ଦୁଃଖରେ କାନ୍ଦିପକାଇ ସେ ଫେରିଗଲା ଯାହା !

ତା'ପରେ ମାସ ମାସ ବିତାଇଲି ଏକା
ଭାବିଲି ଗୋଟିଏ ରଚନା ଲେଖିଦେଇ କ'ଣ
ପ୍ରେମକୁ ହରାଇବାକୁ ପଡ଼ିଥାଏ ସତରେ !

ଦୁଃଖକୁ ସାଥିକରି ଏମିତି ମୁଁ
ବୁଲୁଥିଲି ଗଳିକନ୍ଦି ପାର୍କ ଆଉ ମଲ୍
ଆଉ କେବେ ହାଟଚାଳି ଗଳିରେ !

ଦିନେ ଦେଖିଲି ଅଚାନକ
ମୋ ପୁରୁଣା ବାନ୍ଧବୀକୁ
କାନ୍ଦିକାନ୍ଦି ଫେରୁଥିଲା ପାର୍କ ଭିତରୁ
ଫୁଲିଲା ମୁହଁ ଆଉ ଓଦାଓଦା ଆଖିରେ
ମୋ'ପରେ ପୁଣି କେତେ ଯେ ପୁରୁଷବନ୍ଧୁ
ଆସି ଫେରିଯାଇଥିଲେ ତା'ପାଖରୁ
ସଦ୍ୟ ପ୍ରେମଖେଳରେ ଯେମିତି ସେ
ପାଇଥିଲା ଗଭୀର ଧୋକାଟିଏ !

ମୋ: ୯୪୩୯୦୪୭୨୮୩

## ଦିନେ ବର୍ଷାରେ

**ସ୍ୱୟମ୍ବରା ପଟ୍ଟନାୟକ**

**ଆ**ଖିରେ ମୋର ଲୁହ ଆସିଯାଉଛି
ଏବେ ଆକାଶକୁ ଚାହିଁଲେ
ସେମାନେ କହୁଛନ୍ତି କାହିଁକି ମୁଁ
ଏତେ ବୟସରେ ଖାଲି ଆଖିରେ
ଆକାଶକୁ ଚାହୁଁଛି, ବିନା ଚଷମାରେ ।

ମୁଁ ସେମାନଙ୍କୁ ବୁଝାଇ ପାରୁନି
ଆକାଶକୁ ଚାହିଁଲେ ନୁହେଁ
ଆଖିରେ ମୋର ଲୁହ ଆସିଯାଉଛି
ଆକାଶରେ ଏବେ ସେଇ ମୁହଁକୁ ଦେଖିଲେ
ଯେଉଁ ମୁହଁ ଦିନେ ବର୍ଷାରେ
ମତେ ପଛକରି ଛିଡ଼ା ହୋଇଥିଲା
ସମୁଦ୍ର ପାଖର ଏକ  ବର୍ଷୁକୀ ଆକାଶ ତଳେ ।

ବିସର୍ଜନ କରିଦେଇ ଶବ୍ଦମାନଙ୍କର
କୋଳାହଳ ସବୁକୁ ବର୍ଷା ପାଣିରେ
ସେ ଛିଡ଼ା ହୋଇଥିଲା ଏକ
ନିଃଶବ୍ଦ ସାମ୍ରାଜ୍ୟର ଆବାହନ ମୁଦ୍ରାରେ
ଏବଂ ଦୃଢ଼ ଥିଲା
ତା' ନିଜର ସ୍ୱାଭିମାନ ପାଖରେ
ଯେଉଁ ସ୍ୱାଭିମାନ ଝଲସୁଥିଲା
ବୈଦୁର୍ଯ୍ୟମଣି ଭଳି ତା'ର କପାଳରେ ।

ସେ ଏତେ ଦୃଢ଼ ଥିଲା ତା' ନିଜ ଭିତରେ ଯେ
ଦେହ ତା'ର ଟିକେ ବି ହଲୁ ନ ଥିଲା
ଅସରା ବର୍ଷା କିମ୍ବା ପବନ ମାଡ଼ରେ ।

ମୁଁ କିନ୍ତୁ ବିନା ବର୍ଷା, ବିନା ପବନରେ
କାଚ ଖଣ୍ଡେ ପରି ଝଣ୍‌ଝାଣ୍ ଭାଙ୍ଗି
ଖଣ୍ଡଖଣ୍ଡ ହୋଇ ଯାଇଥିଲି
ମୋ' ସମୁଦ୍ରକୂଳର ଘର ଭିତରେ ।

– ଏସ୍ ୧/୯୨, ନୀଳାଦ୍ରି ବିହାର, ଭୁବନେଶ୍ୱର–୨୧
ମୋ: ୯୯୩୭୫୬୭୧୫୯୨

## ଛାଇ

**ରବି ଶତପଥୀ**

**ସେ** କେବେ
ବାଟ ଓଗାଳେ ମୋର
ମୁଁ ବି କେବେ ତା'ର,
ମୁଁ ତାକୁ ଭଲପାଏ ବୋଲି
ତା'ର ସବୁ କଥା ଶୁଣେ
ବୁଝେ ବୁଝାଏ,
ଅଥଚ ସେ ମୋତେ
ଅନେକ ରାତିରେ ଛାଡ଼ିଯାଏ ଯେ
ମନେପଡ଼ିଲେ ଫେରେ ।

ସେ କେବେ କେବେ
ଅନ୍ଧାରକୁ ଡରି
ମୋ' ପାଖରେ ଶୁଏ,
ମୋତେ ଶୁଆଇଦିଏ
ମୁଁ ଉଠିଲା ବେଳକୁ
ଅନେକ ଦିନ ସେ
ଫେରାର ହୁଏ ସକାଳ ସାଥିରେ ।

କାହିଁକି କେଜାଣି
ମୁଁ ମୁକୁଳି ପାରେନି ତା' ପ୍ରେମରୁ
ତା' ଅପ୍ରେମରୁ, ତା' ବିଚ୍ଛେଦରୁ,
ସେଇଥିପାଇଁ ବୋଧେ
ସେ ମୋତେ କେବେ
ଘୁଙ୍ଗୁର କରି ପିନ୍ଧେ ତା' ପାଦରେ,
ଆଉ କେବେ
ସେ ମୋତେ ଗୁଡ଼ି କରି ଉଡ଼ାଏ
ତା' ବିସ୍ତାରିତ ଛାତିର ଆକାଶରେ ।

– ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

## ଜହ୍ନ ପରି ତମେ

**ନୃସିଂହ ତରାଇ**

**ରୁ**ପା ଥାଳି ପରି ଜହ୍ନ
ଜହ୍ନରେ ଦିଶୁଚି
ତମ ମୁହଁ ପରି
ଗୋଟେ ମୁହଁ,
ଲାଜେଇ ଯାଇଥିବା
ଦୁଇଟି ଲାଜୁଆ ଆଖି ।

ଜହ୍ନରେ ଦେଖ
ଦିଶୁଚି ଗୋଟେ
କଦମ୍ବ ଗଛ
ଗଛ ଡାଳରେ
ଦୁଇଟି ପକ୍ଷୀ (ଚକୋର ଚକୋରୀ)
ବିରହର ରୂପକଳ୍ପରେ
ତମକୁ ମୁଁ ପାରୁଛି ଦେଖି ।

ଜହ୍ନ ହସୁଛି ତମ ପରି
ଲାଜମିଶା ହସ,
ତମ ଓଠ ତଳ ହସରେ
ଯେମିତି ଲାଖିଛି
ଚେନାଏ ଜହ୍ନ !

ଜହ୍ନର ବି ଥାଏ
ଢଳ ଢଳ ଆଖି
କଇଁଫୁଲିଆ ହସ
ବାଙ୍କ ଚାହାଣି
ଧୀର ଚାଲି
ଠିକ୍ ତମ ପରି ।

ଜହ୍ନ ଭରି ଦେଇପାରେ ଉଷ୍ମତା
କେଉଁ ତରୁଣୀର
କଅଁଳ ମତି,
ନହୁଲି ଛାତିରେ
ଯେମିତି ତମେ
ଛୁଇଁଦେଲେ ମୋତେ
ମୁଁ ଜଳେ
କାମନାର କୁହୁକରେ ।

– ପୂର୍ବତଟ ରେଳପଥ, ଭୁବନେଶ୍ୱର
ମୋ: ୭୯୭୮୩୮୧୨୧୩

## ଶୂନ୍ୟବାସ

**ପ୍ରତିଭା ପରିଡ଼ା**

**ପି**ଙ୍ଗଳା !
ସବୁ ତ ଭରା ଭରା
କେଉଁଠି ଥାଏ ଶୂନ୍‌ଶାନ୍ ଠିକଣାଟିଏ ?
ଆଖିରେ ନା ଛାତିରେ ?
ପା' ତଳେ
ନା କପାଳ ଦେଶରେ ?

ଚାରିଆଡ଼େ ତ ଉଚ୍ଛଳ ମାୟା...
ନିଆଁ, ପାଣି, ପବନ,
ମନ୍ଦିର ଚାଳ ମଥାନ
ପୁଣି
ସାରା ସଂସାରର ପିଣ୍ଡ ବ୍ରହ୍ମାଣ୍ଡ ଛାୟା–
ପିଙ୍ଗଳା !
କେଉଁଠି ଥାଏ
ଶୂନ୍ୟବାସର ସ୍ପନ୍ଦନ ?

କେଉଁକାଳେ
ଶୂନ୍ୟସ୍ଥାନ କେବେ ବି ରହେନା...
ସମୟ କାହାକୁ ଆଡ଼ କରେନା–

ଫେଣ୍ଟି ହୋଇଯାଉଥାଏ
ଲହୁ, ଲୁହ, ଝାଳ, ଦୀର୍ଘଶ୍ୱାସ...
ଛନ୍ଦି ହୋଇପଡୁଥାଏ
ବିଶ୍ୱାସ, ଭରସା
ଓ ସମ୍ପର୍କର ନିରୁତା ପ୍ରଶ୍ୱାସ...
ଘାଣ୍ଟି ହୋଇପଡୁଥାଏ ମହାକାଳ
ପୁଣି ପିଢ଼ିକୁ ପିଢ଼ି ଚିତ୍ରିତ ଇତିହାସ–

ପିଙ୍ଗଳା !
ହାତମୁଠାରୁ ପବନ ସରେନା...
ମଥା ଉପରୁ
ଆକାଶ କେବେ ବି ଘୁଞ୍ଚେନା...
ପ୍ରାର୍ଥନାର ଓଁକାର ଅଞ୍ଜଳି
କେବେ ବି ଶୂନ୍ୟ ରହେନା–

– ପାର୍କ ପାରାଡାଇଜ୍ କଲୋନୀ, ରଘୁନାଥପୁର
ନନ୍ଦନକାନନ ରୋଡ୍, କିଟ୍, ଭୁବନେଶ୍ୱର

# ଶୁକମା'

ଗଳ୍ପ

ବ୍ରହ୍ମ ପ୍ରକାଶ ମିଶ୍ର



ସକାଳୁ ସକାଳୁ କାହାର ଡାକ ଶୁଣି ନିଦ ଭାଙ୍ଗିଗଲା। ଉଠି ବସିଲି। ଦେଖିଲି, ବାପା ଆଗରେ ବସିଛନ୍ତି। ଲାଗିଲା କିଛି ଗୋଟେ କହିବା ପାଇଁ ବୋଧେ ଡାକିଛନ୍ତି। ପଚାରିବାରୁ କହିଲେ, ଯାଇଥିଲି ଶୁକମା'ର ମୂର୍ତ୍ତି ଅର୍ଡର ଦେଇଆସିଛି। କିଛି ବୁଝି ପାରିଲିନି। ଏମିତି ସକାଳୁ ସକାଳୁ କ'ଣ ହେଲା କି ଆପଣ ମୂର୍ତ୍ତି ଅର୍ଡର ଦେବା ପାଇଁ ଯାଇଥିଲେ? କହିଲେ, ନାହିଁରେ କେବେଠୁ ଅର୍ଡର ଦେଲିଣି। ଆଜି ତୋ' ବ୍ରତଘର ଆଲ୍‌ବମରୁ ତା' ଫଟୋଟା କାଢ଼ି ଦୋକାନୀକୁ ଦେବାପାଇଁ ଯାଇଥିଲି। କହିଲେ, ବହୁତ ଦିନରୁ ମନରେ ଥିଲା ଶୁକମା'ର ଗୋଟିଏ ମୂର୍ତ୍ତି ତା' ସ୍କୁଲ୍ ଆଗରେ ସ୍ଥାପନ କରିବି। ଅବସର ନେବାର ପାଞ୍ଚ ସାତ ବର୍ଷ ହେଲାଣି। ଭାବୁଛି, ଏବେ ଏ କାମଟାକୁ ସାରିଦେବି। ତାଙ୍କ କଥା ଶୁଣି ହଁ ମାରିବା ଛଡ଼ା ଅନ୍ୟ ଉପାୟ କିଛି ନ ଥିଲା, କାରଣ ହାକିମଙ୍କ ଅଭ୍ୟାସଗତ ଚରିତ୍ରରୁ ବାପା ଏ ପର୍ଯ୍ୟନ୍ତ ବାହାରି ପାରି ନ ଥିଲେ। ଏତିକି କହି ବାପା ଚାଲିଗଲେ। ସେଇ ବିଛଣା ଉପରେ ବସି ମୋର ବି ସେଇ ପୁରୁଣା କଥାଗୁଡ଼ିକ ସିନେମା ପରି ମନେପଡ଼ିଗଲା।

ଶୁକମା'କୁ ମୁଁ ଜନ୍ମ ହେଲାବେଳୁ ଦେଖିଆସିଛି। ପତଳା ଜରାଜୀର୍ଣ୍ଣ ଶରୀର। ଧଳା ଶାଢ଼ି ପିନ୍ଧିଥିବା ଜଣେ ଚୁପ୍‌ଚାପ୍ ବୟସ୍କା ସ୍ତ୍ରୀଲୋକ। ଅସୁବିଧାରେ ଚଳୁଥିବା ଲୋକଙ୍କ ପ୍ରତି ତା'ର ବଡ଼ ଦରଦ, ଆଉ ଧନୀମାନଙ୍କ ପ୍ରତି ଖୁବ୍ ଘୃଣା। ସବୁବେଳେ କହୁଥାଏ ଗରିବଙ୍କୁ ହକ୍କାରି ଏମାନେ ଧନୀ ହୋଇଛନ୍ତି। ବଡ଼ ଭାଇର ଗାନ୍ଧିବାଦୀ ଚିନ୍ତାଧାରାରେ ପୂରାପୂରି ଅନୁପ୍ରାଣିତ। ବୁଢ଼ାବାପାଙ୍କୁ ବହୁତ ମାନୁଥିଲା ସେ।

ବୁଢ଼ାବାପାଙ୍କ ସାଙ୍ଗରେ କଥା ହେଇ ଏତିକି ଜାଣିଥିଲି ଯେ, ଶୁକମା' ବାଲ୍ୟବିଧବା ଆଉ ଜେଜେଙ୍କ ନିଜ ଭଉଣୀ। ପିଲାବେଳେ ବାହାଘର ହେଇଥିଲା ପାଖ ଗାଁରେ। ବାହାଘର ପରେ ବାପଘରକୁ ବୁଲିବାକୁ ଆସିଥିଲାବେଳେ ତା'ର ସ୍ୱାମୀ ସାପକାମୁଡ଼ାରେ ପ୍ରାଣତ୍ୟାଗ କରିଥିଲେ। ସେବେଠୁ କେବେ ବି ଶାଶୁଘରକୁ ଯାଇନି ସେ। ବୁଢ଼ାବାପାଙ୍କ ଉଦ୍ୟମରେ ଧାଇମା' ଚାକିରିଟେ ମିଳିଥିଲା। ଆମ ଘରେ ଯାହାର ବି ପିଲାପିଲି ହେଲେ ଶୁକମା'କୁ ଖୋଜାହୁଏ। ସେ ବି ସରକାରୀ ଚାକିରିର ଭରପୂର ଫାଇଦା ଉଠେଇ ଘରେ ସବୁ ଗର୍ଭବତୀଙ୍କ ସେବା କରେ। ତେଣୁ ସେ ସମସ୍ତଙ୍କ ଶୁକମା'।

ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାକିରି କରି ମାସିକ ଷାଠିଏ ସତୁରି ଟଙ୍କା ଦରମା ପାଉଥିଲା। ଅଳ୍ପକିଛି ପଇସାରେ ଚଳି ବଡ଼ଭାଇଙ୍କୁ ଅସୁବିଧାରେ ସାହାଯ୍ୟ କରିବା ପରେ କିଛି ପଇସା ତା' ପାସ୍‌ବୁକ୍‌ରେ ରଖିଥିଲା। ଭାଇ ବାହା ହେଲା ପରେ ଭଉଣୀ ଜିଦି ଧରିଲା। କହିଲା, ତୋ' ପୁଅକୁ ମୋତେ ଦେଇଦେ ମୋର କେହି ନାହିଁ। ଭାଇ ବଡ଼ପୁଅକୁ ଟେକିଦେଲେ ତା' ହାତକୁ। ବାପାଙ୍କୁ ବ୍ରତ କରେଇଲା। ତା' ଗୋତ୍ର ବି ବାପାଙ୍କ ଗୋତ୍ର ହେଇଗଲା। ବାପା ବି ମା'ଠୁ କମ୍ ସମ୍ମାନ ଦେଉ ନ ଥିଲେ ତାକୁ। ଘରେ ସମସ୍ତେ ଶୁକମା'କୁ ଭଲପାଉଥିଲେ।

ବାପା ବିଏ ପାସ୍ କଲାପରେ ଶୁକମା' ଡାକି କହିଲା– ମୁଁ ତୋ' ପାଇଁ ତ କିଛି କରିପାରିଲି ନାହିଁ। ମୋ' ପାସ୍‌ବୁକ୍‌ରେ ଦଶ ହଜାର ଟଙ୍କା ଅଛି ନେଇକି ଯାହା କରିବୁ କର। ସେତେବେଳେ ଗାନ୍ଧିବାଦୀ ଘରେ ସମାଜସେବା କରିବାର ଇଚ୍ଛାଶକ୍ତି କିଛି କମ୍ ନ ଥାଏ। ତେଣୁ ବାପା କହିଲେ ପଇସା ନେଇ କ'ଣ କରିବି? ଆମ ଗାଁରେ ମାଇନର ସ୍କୁଲ୍‌ଟେ ନାହିଁ। ପିଲାମାନେ ପଞ୍ଚମ ଶ୍ରେଣୀ ପରେ ବାହାରକୁ ଯାଇ ପଢ଼ିବା ପାଇଁ ହଇରାଣ ହରକତ ହେଉଛନ୍ତି। ତେଣୁ ଗୋଟେ ମାଇନର ସ୍କୁଲ୍ କରିବା। ବୁଢ଼ାବାପାଙ୍କ ସାଙ୍ଗେ ଆଲୋଚନା କରି ଏଇ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଆମ ଗାଁରେ କଲେ ଚାଲିବ ନାହିଁ। ଏତେ ପିଲା ପଢ଼ିବା ପାଇଁ ନାହାନ୍ତି। ତେଣୁ ଆମ ଗ୍ରାମପଞ୍ଚାୟତରେ କରିବା। ବାପା ଓ ଜେଜେଙ୍କ ଉଦ୍ୟମରେ ଗ୍ରାମପଞ୍ଚାୟତରେ ଆରମ୍ଭ ହେଲା ନକ୍ଷତ୍ରମାଳିନୀ ଉ:ପ୍ରା: ବିଦ୍ୟାଳୟ। ଶୁକମା'ର ଭଲ ନାଁ ଅନୁସାରେ। ବାପା ହେଲେ ପ୍ରଥମ ପ୍ରଧାନଶିକ୍ଷକ। କାଳକ୍ରମେ ଭାଇମାନେ ମଧ୍ୟ ଏହି କାର୍ଯ୍ୟଭାରକୁ ଆଗକୁ ବଢ଼ାଇବାରେ ତାଙ୍କୁ ସହାୟତା କଲେ। ବାପା ରାଜ୍ୟ ପ୍ରଶାସନିକ ସେବାରେ ଯୋଗଦେବା ପରେ କାର୍ଯ୍ୟବ୍ୟସ୍ତତା ଓ ବଦଳି ଯୋଗୁ ଆଉ ସ୍କୁଲ୍ କଥା ବୁଝିବାକୁ ସମର୍ଥ ହେଲେନି। ପରମୁହୂର୍ତ୍ତରେ ରାଜ୍ୟ ସରକାରଙ୍କ ହାତକୁ ସ୍କୁଲଟିର ପରିଚାଳନା ଦାୟିତ୍ୱ ଚାଲିଗଲା। ଶୁକମା'ର ମୃତ୍ୟୁବେଳକୁ ସ୍କୁଲ୍‌ର ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଆସି ଶ୍ରଦ୍ଧାଞ୍ଜଳି ଦେବାକୁ ଭୁଲି ନ ଥିଲେ। କିନ୍ତୁ ଆଜି ସକାଳୁ ସକାଳୁ ବାପାଙ୍କ ସଙ୍ଗେ କଥା ହେଲା ପରେ ମନ ଭିତରଟା ପୁରୁଣା କଥାକୁ ମନେପକାଇ ଆନ୍ଦୋଳିତ ହେଉଥିଲା।

କିଛିଦିନ ପରେ ଗୋଟେ ଧଳା ଶୁକମା' ମୂର୍ତ୍ତି ମୋ' ଶୋଇବା ଘରେ ଆସି ରହିଲା। ବାପା ସବୁଦିନ ସେ ମୂର୍ତ୍ତିକୁ ଦେଖି ଆତ୍ମସନ୍ତୋଷ ଅନୁଭବ କରୁଥିଲେ। ଦିନେ ନିଜ ଗାଡ଼ିରେ ଗୋଟେ ସିଟ୍‌ରେ ନିଜେ ବସି ଆଉ ଗୋଟେ ସିଟ୍‌ରେ ମୂର୍ତ୍ତିକୁ ବସାଇ ଗାଁକୁ ନେଇଗଲେ। ତା'ପରେ ବାପା ତାଙ୍କ ଗାଁରେ ରହୁଥିବା ସାନଭାଇ ପାଖରେ ହାଜର। ଯେମିତି ହେଲେ ମୂର୍ତ୍ତି ପ୍ରତିଷ୍ଠା ହେବ। ପଇସା ପାଇଁ ଚିନ୍ତା ନାହିଁ। ଖାଲି ବ୍ୟବସ୍ଥାଟା କରିଦେଲେ ହେଲା। ସାନ ଭାଇ କହିଲେ– କିଛି ଅସୁବିଧା ନାହିଁ, ହେଇଯିବ। ବାପାଙ୍କ ଉଦ୍ୟମରେ ଗୋଟିଏ ସ୍ମରଣିକାର ଛପାକାର୍ଯ୍ୟ ମଧ୍ୟ ଆରମ୍ଭ ହେଲା। ବିଭିନ୍ନ ଲୋକଙ୍କଠୁଁ ଲେଖା ମଗାଗଲା। ଛପାକାର୍ଯ୍ୟ ଦାୟିତ୍ୱ ମୋତେ ନିର୍ବାହ କରିବାକୁ ପଡ଼ିଲା। 'ନକ୍ଷତ୍ରମାଳିନୀ' ଶୀର୍ଷକ ସ୍ମରଣିକା ଛପା ସରି ବନ୍ଧା ହୋଇ ରହିଲା। ତା'ପରେ ଆରମ୍ଭ ହେଲା ପ୍ରକୃତ ରାଜନୀତି। ବର୍ଷେଖଣ୍ଡେ କିଛି କାମ ନ ହେବା ଦେଖି ବାପା ବିବ୍ରତ ଜଣାପଡୁଥିଲେ। ବାପାଙ୍କ ଆବେଗକୁ ଦେଖି ନିଜେ ମା' ବାହାରିଲେ। ମା'ଙ୍କ ଉଦ୍ୟମରେ ସ୍କୁଲ ପରିସରରେ ଛାତ ଖଣ୍ଡେ ପଡ଼ି ମୂର୍ତ୍ତି ବସିବା ବ୍ୟବସ୍ଥା ହେଲା। ଏବେ କଥା ଅଟକିଲା ଉଦ୍‌ଘାଟନ କିଏ କରିବ? ଭୋଜି କ'ଣ ହେବ? କିଏ ଆସିଲେ ଭଲ ହବ? ନିର୍ବାଚନ ଅଛି। ୟାକୁ ଡାକିଲେ ସେ ରାଗିବ, ତାକୁ ଡାକିଲେ ୟେ ରାଗିବ। ବହୁତ ବିଚାରବିମର୍ଶ ପରେ କିଛି ସମାଧାନର ବାଟ ବାହାରିଲା ନାହିଁ। ତେଣୁ ମୂର୍ତ୍ତିଟି ସେମିତି ପଡ଼ିରହିଲା ବର୍ଷବର୍ଷ ଧରି।

ଥରେ ଦୁର୍ଗାପୂଜାରେ ଗାଁକୁ ଯାଇଥାଏ। କକାଙ୍କ ପୁଅକୁ ସାଙ୍ଗରେ ଧରି ମାର୍କେଟ ଗଲାବେଳେ ମୋର ନଜର ପଡ଼ିଲା ମୂର୍ତ୍ତି ଉପରେ। ଶୁକମା' ପୂରା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ଅଲୋଡ଼ା। ଆସି ବାପାଙ୍କୁ ପଚାରିଲି। ବାପା କହିଲେ ମୁଁ ଯାହା କରିବା କଥା କଲି। ମୋ' ହାତରେ ଆଉ କିଛି ନାହିଁ। ଗାଁ ରାଜନୀତିରେ ମୁଁ ମୁଣ୍ଡଖେଳାଇ ପାରିବିନି। ତାଙ୍କ କଥା ଶୁଣି ଚୁପ୍ ରହିବା ଛଡ଼ା ଅଲଗା କିଛି ଚାରା ନ ଥିଲା। ମୁଁ ବି ମୋର ସଦ୍ୟ ଆରମ୍ଭ କରିଥିବା ବ୍ୟବସାୟରେ ମନ ଦେଇ ବ୍ୟସ୍ତତା ଭିତରେ ଏମିତି ବୁଡ଼ି ରହିଲି ଯେ, ମୂର୍ତ୍ତି ବସେଇବାଟା ବାପାଙ୍କ କାମ ଭାବି ମନକୁ ସାନ୍ତ୍ୱନା ଦେଇ ଚୁପ୍ ହୋଇଗଲି। କିଛି ବର୍ଷ ଚାଲିଗଲା, ମନ ଭିତରେ ତ ଅଛି। ଭାବିଲି କିଏ କ'ଣ କିଛି କହୁନାହାନ୍ତି? କ'ଣ ସମସ୍ତେ ଭୁଲିଗଲେ?

ହଠାତ୍ ଗୋଟେଦିନ ସକାଳୁ ସକାଳୁ ବାପାଙ୍କୁ ପଚାରିଲି। ବାପା! ସେ ଶୁକମା' ମୂର୍ତ୍ତି କଥା କ'ଣ ହେଲା? ବାପା କହିଲେ– କ'ଣ ହେବ, ସେମିତି ପଡ଼ିରହିଛି। ଭାରି ମନ ଖରାପ ହେଲା, ରାଗ ବି ଲାଗିଲା। ସିଧା ବଡ଼ଭାଇ ପାଖରେ ହାଜର ହେଇଗଲି। ନନା କ'ଣ କରିବା କହ? ବାପା ତ କିଛି ବୁଝୁନାହାନ୍ତି। କ'ଣ ଶୁକମା' ମୂର୍ତ୍ତିଟା ପଡ଼ିପଡ଼ି ନଷ୍ଟ ହେଇଯିବ! ବାପାଙ୍କ ମନ କେତେ କଷ୍ଟ ହେଉ ନ ଥିବ କହିଲୁ? କ'ଣ ଗାଁ ରାଜନୀତି ଏତେବଡ଼ ଯେ ମୂର୍ତ୍ତିଟା ବସାଇବା ପାଇଁ ଅସୁବିଧା ହଉଛି। ନନା କହିଲା ସେମିତି ନୁହେଁ, ଚାହିଁଲେ କରିହବ। କିନ୍ତୁ ସମୟ କାହିଁ? ଆଉ ସହଯୋଗ କଥା ଛାଡ଼ିଦେ। ମୁଁ କହିଲି, ନା ବାପାଙ୍କ ମନର ଶାନ୍ତି ପାଇଁ ଆମକୁ କରିବାକୁ ପଡ଼ିବ। ନନା ହନୁମାନ ଭଳି ତା' ବଳ ବିଷୟରେ ନ ଜଣାଇବା ଯାକେ ସେ ଜାଣିପାରେନି। ଟିକେ ବୁଝେଇବା ପରେ ଯାହା ହେଉ ରାଜି ହେଇଗଲା। ତେଣୁ ଦୁଇ ଭାଇ ଅଣ୍ଟାଭିଡ଼ିଲୁ ମୂର୍ତ୍ତିଟା ପ୍ରତିଷ୍ଠା କରିବାକୁ, ଯାହା ହେଉଛି ପଛେ ହେଇଯାଉ। ନନା ମୁଁ ଦିନେ ଗଲାବେଳକୁ ମୂର୍ତ୍ତିର ଅବସ୍ଥା ଆଉ କିଛି ନାହିଁ। ଯେଉଁ ଛାତ ଆଉ ପିଣ୍ଡି ନିର୍ମାଣ ହେଇଥିଲା ତା' ଅବସ୍ଥା ନ କହିଲେ ଭଲ।

ବଜାରରେ ରହୁଥିବା କକାଙ୍କ ସାହାଯ୍ୟ, ଗାଁରେ ରହୁଥିବା କକାଙ୍କ ପ୍ରେରଣାରେ ପୁଣି ଥରେ କାମ ଆରମ୍ଭ ହେଲା। ବର୍ଷେ ଲାଗି କାମ ସରିବା ପରେ ପୁଣି ସେଇ ଅସୁବିଧା। ଫିତା କାଟିବ କିଏ? କିଏ ଆସିବେ? କ'ଣ ଖାଇବେ? କିଏ ଆସିଲେ କିଏ ଖରାପ ଭାବିବ ଇତ୍ୟାଦି ଇତ୍ୟାଦି। ନନାର ଏକା ଜିଦି କାହାକୁ ଡାକିବାନି। ଶେଷରେ ଦୁଇଭାଇ ଏଇ ସିଦ୍ଧାନ୍ତରେ ଉପନୀତ ହେଲୁକି ସ୍କୁଲ୍‌ର ପ୍ରଥମ ପ୍ରଧାନଶିକ୍ଷକ ମାନେ ବାପାଙ୍କ ଦ୍ୱାରା ଫିତାକଟା ହବ, କୌଣସି ରାଜନୀତିଆ ଲୋକଙ୍କୁ ଡକାଯିବ ନାହିଁ। କେବଳ ପିଲାମାନଙ୍କୁ ଜଳଖିଆ ଆଉ 'ନକ୍ଷତ୍ରମାଳିନୀ' ସ୍ମରଣିକା ଖଣ୍ଡେଖଣ୍ଡେ ଦିଆହବ। ସେଇଆ ହେଲା। ବାପାଙ୍କର କିଛି ପିଲାବେଳର ସାଙ୍ଗ, କକାମାନେ, ସ୍କୁଲର ଶିକ୍ଷକବୃନ୍ଦ ଓ ଛାତ୍ରୀଛାତ୍ରଙ୍କୁ ନେଇ ଉଦ୍‌ଘାଟନ ହେଲା ଶୁକମା'ର ମୂର୍ତ୍ତି। ବାପାଙ୍କ ମନ ଖୁସିଥିଲା ପରି ଲାଗୁଥିଲା। ମା', ନନା ଆଉ ମୋର ମନ କିନ୍ତୁ ବହୁତ ଖୁସିଥିଲା ବାପାଙ୍କ ଏତେଦିନର ଆଶା ପୂରଣ ହେଉଥିବାରୁ।

କିଛିଦିନ ପରେ ଗାଁରେ ଥିବା କକା ଫୋନ୍ କଲେ– ଆରେ କିଛି ଗୋଟେ କର, ସ୍କୁଲର ନାଁଟା ବଦଳେଇ ଦେବେ ବୋଲି କହୁଛନ୍ତି। ଆମେ ବା ସେ ବିଷୟରେ କ'ଣ ଜାଣିଛୁ? ବାପାଙ୍କୁ କହିବାରୁ କହିଲେ, ମୋର ଆଉ ବଳବୟସ ନାହିଁ ରାଜନୀତି କରିବାକୁ, ଆଉ ତୁମେ ସେ ଗାଁ ରାଜନୀତିରେ ମୁଣ୍ଡ ପୂରାଅନା। ଆମେ ଚୁପ୍ ରହିବା ଛଡ଼ା ଅଲଗା ଉପାୟ କିଛି ଖୋଜି ପାଇଲୁ ନାହିଁ। ତା'ର କିଛିବର୍ଷ ପରେ ଥରେ ଗାଁକୁ ଯାଇଥିବା ବେଳେ ଟିକେ ସ୍କୁଲ୍ ଆଡ଼େ ବୁଲି ଆସିଲାବେଳକୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା ମୂର୍ତ୍ତିଟି, ଠିକ୍ ଶୁକମା' ପରି।


**ଜଗନ୍ନାଥ ନଗର, ଜିଜିପି କଲୋନୀ ନିକଟ, ଭୁବନେଶ୍ୱର**
**ମୋ: ୬୩୭୧୭୪୬୪୦୨**



# ପୁସ୍ତକ ପରିଚୟ

## ସିଦ୍ଧସିଦ୍ଧାନ୍ତ ପଦ୍ଧତି


**ରଚନା:** ଶ୍ରୀଗୋରଖନାଥ
**ଅନୁବାଦ:** ଡ. ଧରଣୀଧର ନାଥ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୫୭୦/-




ନାଥଧର୍ମର ଆଦି ପ୍ରବର୍ତ୍ତକ ମତ୍ସ୍ୟେନ୍ଦ୍ରନାଥଙ୍କ ଶିଷ୍ୟ ଯୋଗାଚାର୍ଯ୍ୟ ଶ୍ରୀଗୋରଖନାଥଙ୍କ କୃତ 'ସିଦ୍ଧସିଦ୍ଧାନ୍ତ ପଦ୍ଧତି'ର ଏହି ଓଡ଼ିଆ ଅନୁବାଦଟିରେ ରହିଛି ଗ୍ରନ୍ଥର ଭୂମିକା ଓ ଗ୍ରନ୍ଥସ୍ଥ ଉପଦେଶଗୁଡ଼ିକର ଅର୍ଥ, ଯାହା ଏପରି ପରିଚ୍ଛନ୍ନ ଯେ ପାଠକର ଅବବୋଧକୁ ଆମୂଳଚୂଳ ଆପ୍ଲୁତ କରିରଖେ। ମତ୍ସ୍ୟେନ୍ଦ୍ରନାଥ, ଗୋରଖନାଥ ଓ ଅନ୍ୟ ନାଥସିଦ୍ଧଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଅନୁବାଦକ ପ୍ରଦାନ କରିଛନ୍ତି ଓ ନାଥଧର୍ମର ଅଭ୍ୟୁଦୟଠାରୁ ଓଡ଼ିଆ ସାହିତ୍ୟ ଉପରେ ତା'ର ପ୍ରଭାବ ପର୍ଯ୍ୟନ୍ତ ବିସ୍ତାରିତ ଭାବେ ଆଲୋଚନା କରିଛନ୍ତି। ଶ୍ରୀଗୋରଖନାଥଙ୍କ ସମ୍ପର୍କରେ ଡ. ନାଥଙ୍କର ଅନୁଧ୍ୟାନ ଓ ଅନୁବାଦର ସେପାନ ପାଠକୀୟ ପ୍ରତ୍ୟାଶାର ଅନୁରୂପ ହୋଇଥିବାରୁ ବହିଟି ଥରେ ପଢ଼ିବାକୁ ଆରମ୍ଭ କଲେ ଶେଷ ନ କରି ରହିହୁଏ କ୍ୱଚିତ୍। ସପ୍ତମ ପରିଚ୍ଛେଦ ଷଷ୍ଠ ଉପଦେଶରେ 'ଅବଧୂତ ଯୋଗୀର ଲକ୍ଷଣ' ପ୍ରସଙ୍ଗରେ ଗୋରଖ ଯାହା କହିଛନ୍ତି, ତାହା ପାଠ କଲେ ସାତ୍ତ୍ୱିକ ଆନନ୍ଦରେ ପାଠକର ଆତ୍ମା ପୂରିଉଠେ। କୁହାଯାଇଛି- ଏହି ଯୋଗଶାସ୍ତ୍ରକୁ ଧୂର୍ତ୍ତମାନଙ୍କଠାରୁ ସର୍ବଦା ଗୋପନୀୟ ରଖିବ (ଧୂର୍ତ୍ତେଭ୍ୟୋ ଗୋପୟେତ୍ ସଦା), 'ବିଦ୍ୟାବାଦରତା'ମାନଙ୍କୁ ଏଥିରୁ ଦୂରେଇ ରଖିବ, ଯେଉଁମାନେ 'ଦୀର୍ଘଜୀବନକାମୀ', ସେମାନଙ୍କୁ ମଧ୍ୟ ଏହି ଗୁପ୍ତଜ୍ଞାନ ପ୍ରଦାନ କରିବ ନାହିଁ। ଏହିପରି ଅନେକ ବାରଣ- ଗୋରଖଙ୍କର ଏହି ବାରଣ ଯେକୌଣସି ଗ୍ରନ୍ଥ ପକ୍ଷେ ମଧ୍ୟ ପ୍ରଯୁଜ୍ୟ। 'ନାଥଧର୍ମର ପ୍ରତୀକ ପ୍ରୟୋଗ ଓ ପାରିଭାଷିକ ଶବ୍ଦାବଳୀ' ସମ୍ବନ୍ଧରେ ଚର୍ଚ୍ଚା ତଥା ନାଥଧର୍ମର ପ୍ରତିଷ୍ଠିତ ପୀଠାଦିର ରଙ୍ଗିନ୍ ଆଲୋକଚିତ୍ର ଗ୍ରନ୍ଥଟିକୁ ତଥ୍ୟନିଷ୍ଠ ଓ ମନୋଜ୍ଞ କରିଛି।

## ମରୁମେଘ

**ଗାଳ୍ପିକା:** ଚିନ୍ମୟୀ ପଣ୍ଡା
**ପ୍ରକାଶକ:** ତୀରତରଙ୍ଗ ପବ୍ଲିକେଶନ, ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୧୨୫/-




ବହିର ପ୍ରଚ୍ଛଦଲେଖରେ କୁହାଯାଇଛି ଏହା ହେଉଛି ଗାଳ୍ପିକାଙ୍କର ପ୍ରଥମ ଗଳ୍ପ ସଙ୍କଳନ। ଆହୁରି ମଧ୍ୟ କୁହାଯାଇଛି ଯେ ସାମାଜିକ ବିଧିବ୍ୟବସ୍ଥା ଓ ସାମ୍ପ୍ରତିକ ସମାଜର ବିଡ଼ମ୍ବନାକୁ ନେଇ ସାଉଁଟିଥିବା ଅନେକାନେକ ଅନୁଭୂତି ସମ୍ପନ୍ନ କଥାବସ୍ତୁ ହିଁ ତାଙ୍କ ଗଳ୍ପର ଆଧାର। ଆଶା ରଖାଯାଇଛି ଯେ, ବହିଟିର ଗଳ୍ପଗୁଡ଼ିକ ପାଠକଙ୍କୁ ଜିଜ୍ଞାସାର ଅନ୍ୟ ଏକ ଜଗତକୁ ଘେନିଯିବ। ବହିରେ ମୋଟ ୨୦ଟି ଗଳ୍ପ ସ୍ଥାନ ପାଇଛି। ଅଳ୍ପ କଥାରେ ଜୀବନର ସକାରାତ୍ମକ ଇଙ୍ଗିତ ସାକାର ହୋଇଉଠେ ଚିନ୍ମୟୀଙ୍କ ପ୍ରତ୍ୟେକଟି ଗଳ୍ପରେ। ଶୀର୍ଷକ ଗଳ୍ପ 'ମରୁମେଘ'ରେ ସୁକାନ୍ତି ଓ ରଙ୍ଗମିସ୍ତ୍ରି ଅରବିନ୍ଦର ଯେଉଁ ଜୀବନ କାହାଣୀ ଅଙ୍କିତ, ତାହାର ପ୍ରତି ଧାଡ଼ି ପାଠକକୁ ଟିହେଇ ଟିହେଇ ନିଏ ପରିଣତି ଆଡ଼କୁ। ତଳେ ପଡ଼ିଯାଇ ଅରବିନ୍ଦର ଗୋଟିଏ ହାତ ଅକାମି ହୋଇଯାଇଛି। ସୁକାନ୍ତି ନିଜକୁ, ନିଜର ଜନ୍ମିତ ଛୋଟ ଛୁଆ ଓ ସ୍ୱାମୀକୁ ଦାନା ଦେବାକୁ ଗଣିକାବୃତ୍ତି କରିବାକୁ ମନସ୍ଥ କରିଛି। କିନ୍ତୁ ପରିଣତିରେ ପରିସ୍ଥିତି ଓଲଟିଯାଇଛି। ଜଣେ ମଦୁଆ ଯେତେବେଳେ ସୁକାନ୍ତିକୁ ଆସି ପଚାରୁଛି 'କେତେ ନବୁ?', ଅରବିନ୍ଦ ତାକୁ ଧକ୍କାଟାଏ ମାରିଛି। ଧକ୍କା ମରାମରି ଭିତରେ ଅରବିନ୍ଦର ନିକମା ହାତ କ୍ରିୟାଶୀଳ ହୋଇଉଠିଛି। ମରୁଭୂମିରେ ମେଘର ସନ୍ଧାନ। ଏହିପରି 'ଗାଁ ଝିଅ', 'ସମ୍ପର୍କର ଦ୍ୱାହି', 'କଣ୍ଢେଇର ସ୍ୱପ୍ନ', 'ନିଦାଘ', 'ବଞ୍ଚିବାର କଳା', 'ପଶାପାଲି', 'ଚକୋଲେଟ', 'ଡେମୋକ୍ରାସି' ଓ 'ଉଧୁରାପାଲ୍ଲୀର ଇତିହାସ' ଆଦି ଗଳ୍ପରେ ଯେଉଁ ଜୀବନବାଦୀ ସ୍ଫୁଲିଙ୍ଗ ସୁଲୁକି ଉଠେ, ତାହା ଚିନ୍ମୟୀଙ୍କୁ ଓଡ଼ିଆ ଗାଳ୍ପିକଙ୍କ ଧାଡ଼ିରେ ଅଲଗା କରି ଠିଆକରାଏ। ବହିଟିର ବିପୁଳ ଆଦୃତି ଅବଶ୍ୟମ୍ଭାବୀ।

## ନରକ ନିର୍ବାଣ


**କବି:** ଅଭୟ ନାୟକ
**ପ୍ରକାଶକ:** ଅଗ୍ରଦୂତ, ବାଙ୍କାବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୧୦୦/-




ମୋଟ ୪୧ଟି କବିତା ବହିଟିରେ ସ୍ଥାନିତ। କବିତାଗୁଡ଼ିକ ପଢ଼ିଲେ ମନେହୁଏ, ଅଭୟଙ୍କ କବିତାରେ ମାଟି ଯେତିକି ସତ୍ୟ, ଆକାଶ ବି ସେତିକି ସତ୍ୟ। ଜୀବନ ଯେତିକି ଅନୁଭବ୍ୟ, ଜୀବନୋତ୍ତର ସମ୍ଭାବନା ମଧ୍ୟ ସେତିକି ଉଜ୍ଜ୍ୱଳ। ଦୁଇଟି ଉଦାହରଣ ନେବା- ୧. ''ଗାଲ ସାରା ଦାନ୍ତ ଦାଗ / ବେକମୂଳେ ପ୍ରଜାପତି ଛାଇ/ ପାଦରେ ଝୁଣ୍ଟିଆ ନାହିଁ,/ ଖରାଦିନ ଅପରାହ୍ଣ ମେଘ ପରି ଖୋଲାବେକ/ ଲାଜ ଝାଉଁଳା ମୁହଁକୁ ରଖିଛି ଘୋଡ଼ାଇ।/ ପହିଲି ଟ୍ରାମ୍‌ର ଶବ୍ଦ ଶୁଣିବା ପୂର୍ବରୁ/ ରାତିଶେଷ ପବନର ଚୁଗୁଲି କଥାରେ/ ତୁମକୁ ମୁଁ ଚିହ୍ନି ନେଲି।'' (ପାର୍କ ଷ୍ଟ୍ରିଟ୍: ଅଳକା ସାନ୍ୟାଲ, ପୃ-୬୬), ୨. ''ମାଟିରେ ପୋତିଛି ଜୀବନ ଚେର ମୁଁ/ ମଥାନ ଚାଳ ଛପର/ ବତାସ ସାଥିରେ ଅଲେଖା ସନ୍ଧି ମୋ/ ମକର ପିଠିରେ ଘର।'' (ନରକ ନିର୍ବାଣ, ପୃ:୧୦୯)। ପ୍ରଥମ ଉଦ୍ଧୃତିରେ ସଚ୍ଚିରାଉତରାୟଙ୍କ ଅଳକା ସାନ୍ୟାଲର ନବନ୍ୟାସ ସମୟର ଏକ ଭିନ୍ନ ବିନ୍ଦୁରେ ଓ ଦ୍ୱିତୀୟଟିରେ ନାନା ପ୍ରତିକୂଳତା ଭିତରେ ଜୀବନ ପ୍ରତି ପ୍ରତିବଦ୍ଧତା ଯେପରି ଶବ୍ଦର ତାଜାପଣରେ ଉଦ୍ଦୀପିତ ହୋଇ ରହିଛି, ତାହା ସ୍ୱତନ୍ତ୍ର ବ୍ୟାଖ୍ୟାର ପ୍ରୟୋଜନ ରଖେନାହିଁ। ବହିର ଅଧିକାଂଶ କବିତା ଅଭୟଙ୍କୁ ତାଙ୍କ ପିଢ଼ିର ଜଣେ ଅନନ୍ୟ କବି ଭାବେ ଚିହ୍ନିତ କରେ। ଚିତ୍ର ଓ ଧ୍ୱନି କବିଙ୍କ କବିତାରେ ଯେଉଁ ସନ୍ଧି ରଚନା କରନ୍ତି, ସମକାଳର କ୍ୱଚିତ୍ କବିତାରେ ଏହା ପରିଦୃଷ୍ଟ। ସମଭାବାପନ୍ନ, ସୃଜନମୁଖୀ ପାଠିକାପାଠକ, କବି ଓ ସମାଲୋଚକଙ୍କ ପାଇଁ ବହିଟି ସଂରକ୍ଷୀୟ ସାବ୍ୟସ୍ତ ହେବ।

## ଫାଲ୍‌ତୁ ଲେଖା


**ଲେଖକ:** ଶକ୍ତି ଶଙ୍କର ମିଶ୍ର
**ପ୍ରକାଶକ:** ନିଜେ ଲେଖକ
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୦/-




ପୁସ୍ତକଟିରେ ସ୍ଥାନିତ ୧୮ଟି ଗଳ୍ପ ଓ ଭିନ୍ନ ସ୍ୱାଦର ୧୩ଟି ଗଦ୍ୟଲେଖ, ଯହିଁରେ ନିଜ ଜୀବନର ସତ୍ୟାନୁଭୂତିକୁ ରୂପଦେବାର ଚେଷ୍ଟା କରିଛନ୍ତି ଲେଖକ। ଗଳ୍ପଗୁଡ଼ିକରେ ଯେଉଁ ବ୍ୟଙ୍ଗାତ୍ମକ ଶୈଳୀଟିକୁ ଲେଖକ ଆପଣାଇଛନ୍ତି, ତାହା କେବଳ ଓଡ଼ିଆ ଭାଷାର ଜୀବନ୍ତରୂପକୁ ପରିସ୍ଫୁଟିତ କରେ ନାହିଁ; ଏଥିସହିତ ଫକୀରମୋହନ ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଉତ୍ତରାଧିକାରତ୍ୱକୁ ମଧ୍ୟ ଉଜାଗର କରାଏ। ଗାଁମୁଣ୍ଡରେ ବାଉରିଆ ଚା' ଦୋକାନର ବର୍ଣ୍ଣନାଟି କିପରି ଦେଖନ୍ତୁ- ''ଗାଁମୁଣ୍ଡରେ ବାଉରିଆ ଚା' ଦୋକାନ। ଗୋଟେ ଛୋଟ ବିଧାନସଭା। ସବୁଦିନ ସକାଳେ ଗାଁର ୧୫/୨୦ଜଣ ହାଫ୍‌ନେତା ଏକାଠି ହେବା ସୁନିଶ୍ଚିତ। ଟ୍ରମ୍ପ୍ ଶାସନଠାରୁ ମମତାଙ୍କ ଭୋଟ୍ ପର୍ଯ୍ୟନ୍ତ ସବୁକଥା ପଡ଼େ।'' (ନାମ ମହିମା, ପୃ: ୦୯)। ବହିର ଶେଷ ଲେଖା 'ସ୍ୱାଧୀନତା ପରେ ଗୋପୀ ଦାସ' ପୁଲିସ୍ ଦଫାଦାର ଗୋପୀ ଦାସର ଯେଉଁ ଜୀବନଚିତ୍ର ଅଂକନ କରେ, ତାହା ପାଠକଙ୍କୁ ଅଭିଭୂତ ଅବଶ୍ୟ କରେ। ଶକ୍ତିଙ୍କ ଲେଖାରେ ଥାଏ ଏକ ବଳିଷ୍ଠ ସାମାଜିକ ପ୍ରସଙ୍ଗ ଓ ସେହି ପ୍ରସଙ୍ଗକୁ ସେ ଭାଷାର ଅକୃତ୍ରିମ ରଙ୍ଗ ଦେଇ ବ୍ୟକ୍ତ କରନ୍ତି, ଯାହା ଅନୁଭବରେ ପ୍ରତ୍ୟକ୍ଷ ହୋଇଉଠେ। ବହିଟିର ନାଁ ସିନା 'ଫାଲ୍‌ତୁ ଲେଖା', ହେଲେ ଏଥିରେ ଥିବା ସବୁ କଥା କିନ୍ତୁ ଅସଲ।

## ଅନୁସୃଜନ

**ସୃଜକ:** ପ୍ରଦୀପ୍ତ ଶ୍ରୀଚନ୍ଦନ
**ପ୍ରକାଶକ:** ତୃପ୍ତି, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୩୦/-




ଅନୁବାଦ କ୍ଷେତ୍ରରେ ପାଠକୀୟ ବହୁ ସ୍ୱୀକୃତିର ଅଧିକାରୀ ପ୍ରଦୀପ୍ତଙ୍କର ଏ ବହିଟିରେ ଅନୁବାଦ ପାଇଁ ଯେଉଁ ଲେଖାଗୁଡ଼ିକର ମନୋନୟନ କରାଯାଇଛି, ସେ ସବୁର ଲେଖକମାନେ ଭାରତୀୟ ସାହିତ୍ୟରେ ବେଶ୍ କୀର୍ତ୍ତିମାନ୍। ଚୟିତ ଲେଖକମାନଙ୍କ ମଧ୍ୟରେ ଅଛନ୍ତି ଶରତଚନ୍ଦ୍ର, ଭୀଷ୍ମ ସାହନୀ, ଭଗବତୀ ଚରଣ ବର୍ମା, ବୁଦ୍ଧଦେବ ବସୁ, ଅମୃତାପ୍ରୀତମ୍, ଶରଦିନ୍ଦୁ ବନ୍ଦୋପାଧ୍ୟାୟ, ଅମୃତଲାଲ ନାଗର, ନୀଳ ଲୋହିତ ଓ ବିଭୂତି ଭୂଷଣ। ମୂଳ ଲେଖାର ଅନୂଦିତ ଶୀର୍ଷକଗୁଡ଼ିକ ହେଉଛି ଯଥାକ୍ରମେ- 'କାମିନୀ', 'ଟିଫ୍‌ଙ୍କୁ ନୈଶଭୋଜି ନିମନ୍ତ୍ରଣ', 'ଛ ଅଣାର ଟିକଟ', 'ମୁଁ ଅମିତା ସାନ୍ୟାଲ', 'ଛମକ ଛଲ୍ଲୋ', 'ବହୁରୂପି', 'ଧର୍ମ ସଂକଟ', 'ଜ୍ୟୋତ୍ସ୍ନାର ବଗିଚା' ଓ 'ମାନସରୋବର'। ଶରଦିନ୍ଦୁଙ୍କର 'ବହୁରୂପି' ସାଙ୍ଗକୁ ସ୍ଥାନ ପାଇଛି 'ପିଣ୍ଟୁ'। ପ୍ରତ୍ୟେକଟି ଲେଖା ନିଜସ୍ୱ ସାମର୍ଥ୍ୟରେ ପାଠକଙ୍କୁ ବିହ୍ୱଳ ଓ ଭାବିତ କରେ, ଯେପରି ବୁଦ୍ଧଦେବ ବସୁଙ୍କ 'ମୁଁ ଅମିତା ସାନ୍ୟାଲ'। ଏଥିରେ ସମୟର ସ୍ପନ୍ଦନ ଅଛି, ଚିନ୍ତନରେ ଅଛି ତାର୍କିକତା ଓ ଅଭିବ୍ୟକ୍ତିରେ ପୂରି ରହିଛି ଅସରା ଉଦ୍‌ବୋଧନୀ ଶକ୍ତି। ଓଡ଼ିଆରେ ବାହାର ଭାଷା, ବିଶେଷକରି ବଙ୍ଗଳା, ହିନ୍ଦୀ ଓ ଅହମିୟାରୁ ତ ଅନେକ ଅର୍ବାଚୀନ ଅନୁବାଦ ନିତିପ୍ରତି ହେଉଛି, ହେଲେ ପ୍ରଦୀପ୍ତଙ୍କର ଏ ଅନୁବାଦରେ ବିଷୟ ଚୟନର ଯେଉଁ ସତର୍କତା ଓ ପରିବେଷଣରେ ମନ-ବୁଦ୍ଧିକୁ ନେଇ ଲୋଟିପଡ଼ିବାର ଆଗ୍ରହ, ତାହା ଗ୍ରନ୍ଥଟିକୁ ଓଡ଼ିଆ ଅନୁବାଦ-ସାରଣୀରେ ଅନନ୍ୟ କରାଏ।

## ପ୍ରବାସୀ ଶ୍ରମିକ

ମିନିଗଳ୍ପ

**ବିଜୟ କୁମାର ପଣ୍ଡା**

ତିନି ଦିନ ବିତିଗଲାଣି, ଦିନକୁ ଗୋଟେବେଳା ଖାଇବାକୁ ମିଳୁନି। ମଦନ କାହାଠୁଁ ଶୁଣିଥିଲା ଯେ ସରକାର ସହାୟତା ଭାବେ ଶ୍ରମିକଙ୍କୁ ଡାଲି, ଚାଉଳ, ରନ୍ଧାଖାଦ୍ୟ ସବୁ ଯୋଗାଇ ଦେଉଛନ୍ତି। ତା' ପାଖରେ ଟିଭି ନା ସ୍ମାର୍ଟ ଫୋନ୍ ଅଛି ଯେ ସେ ଟିକିନିଖି ଖବର ଜାଣିବ! ଘର ମାଲିକ ତ ଘରଭଡ଼ା ମାଗିବା ଛଡ଼ା ଅନ୍ୟ କିଛି କଥା ଶୁଣେନି।

- ସ୍ତ୍ରୀ କହୁଥିଲା ତମ ମାଲିକଙ୍କ ପାଖକୁ ଯାଇ ଗୁହାରି କରୁନ! ଆମ ପାଇଁ କିଛି ଖାଇବା ପିଇବାର ବନ୍ଦୋବସ୍ତ କରନ୍ତେ। ଦୁଇଟା ଛୋଟ ପିଲା କେତେଦିନ ବିସ୍କୁଟ ଖାଇ ବଞ୍ଚିବେ!

- ହେଲେ ମଦନ ମାଲିକର କଥା ଜାଣିଛି। ଶ୍ରମିକଗୁଡ଼ାଙ୍କୁ ମଣିଷ ବୋଲି ସେ ଭାବେନି। ସ୍ତ୍ରୀ ଆଉ ପିଲାଙ୍କ ପେଟରେ ଦାନା ଗଣ୍ଡେ ଦେବାକୁ ସେଦିନ ମଦନ ମାଲିକ ପାଖକୁ ସାହସ କରି ପାଦ ବଢ଼େଇଲା।

- ମାଲିକ କ'ଣ ସବୁ ହିସାବକିତାବରେ ବ୍ୟସ୍ତ ଥିଲେ। ମଦନକୁ ଦେଖି କହିଲେ-

- ଏଇ ଟଙ୍କା ପଚାଶଟା ନେ, ଆଉ ତମ ରାଜ୍ୟ ସରକାର ଟ୍ରେନ୍ ବ୍ୟବସ୍ଥା କରିଛନ୍ତି। ସେଥିରେ ଘରକୁ ପଳା। ଯା...

-ଫେରିବାବେଳେ ସେପଟରୁ ଗୁମାସ୍ତାଙ୍କ ପାଟି ଶୁଭୁଥିଲା...

-ମାଲିକ୍...! ସେ ଶ୍ରମିକଙ୍କ ଖାଇବା ପିଇବା ରହିବା ପାଇଁ ସରକାର ଆଉ ଏନ୍‌ଜିଓଠାରୁ ସହାୟତା ବାବଦରେ ଏକ ଲକ୍ଷ ଟଙ୍କା ଆମ ଆକାଉଣ୍ଟରେ ଆସିଯାଇଛି।

-ଏପଟେ ଟଙ୍କା ପଚାଶଟା ଧରି ମଦନ ଭାବୁଥାଏ, ଏଥିରେ ଦୁଇ ପ୍ୟାକେଟ୍ ବଡ଼ ବିସ୍କୁଟ୍ କିଣିକି ନେବ ନା ଦିନକ ପାଇଁ ଚାଉଳ!

ମୋ: ୯୭୩୯୫୯୧୮୧୬